## ଆଜି କ'ଣ କେଉଁଠି

ସିମୁଳିଆ

- ମହତାବ ମହୋତ୍ସବ-୨୦୧୮, ମହତାବ ମଣ୍ଡପ, ମାର୍କୋଣା, ପୂର୍ବାହ୍ନ ୯ଟାରୁ ଦିବସ ବ୍ୟାପୀ।

## ଜନପରାମର୍ଶ ପଦଯାତ୍ରା




**ରୂପ୍ସା, ୨୦।୧୧(ଡି.ଏନ୍.ଏ.):** ବାଲେଶ୍ୱର ଜିଲା ସଦର ବ୍ଲକ ରୂପ୍ସା ଓ କସିପଦା ପଞ୍ଚାୟତରେ ଭାଜପା ପକ୍ଷରୁ ମଙ୍ଗଳବାର ଜନପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପିଣ୍ଟାବଣିଆ ହୋଲି ପଡ଼ିଆରୁ ଏହାର ଶୁଭାରମ୍ଭ ହୋଇ ଏକ ବିଶାଳ ଶୋଭଯାତ୍ରାରେ ଶତାଧିକ ମହିଳା ପୁରୁଷ ରୂପ୍ସା ପଞ୍ଚାୟତ ପରିକ୍ରମା କରିଥିଲେ। ପରେ କସିପଦାର ମିରିଗିମୁଣ୍ଡି ଗ୍ରାମରୁ ଏକ ଶୋଭାଯାତ୍ରା ତାହାରପୁର, କସିପଦା, ଆଗୁର ଗୋହୀରା, କାଦମୌଜା, ବରହମପୁର, ହାତିଆଡ଼ିହା ଆଦି ଗାଁ ଅତିକ୍ରମ କରି କସିପଦା ଶିବମନ୍ଦିର ଠାରେ ପହଞ୍ଚିଥିଲେ। ମଣ୍ଡଳ ସଭାପତି ତପନ କୁମାର ବେହେରାଙ୍କ ପୌରହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ଜିଲାସଭାପତି ମଦନମୋହନ ଦତ୍ତ, ଉପସଭାପତି ଗଙ୍ଗାଧର ରାଉତ, ଜୋନାଲ ମିଡ଼ିଆ ସଂଯୋଜକ ସତ୍ୟଜିତ ମିଶ୍ର, ଜିଲା ମିଡ଼ିଆ ସଂଯୋଜକ ଗୌରାଙ୍ଗ ଦାସ, ବରିଷ୍ଠ ନେତା ଶୁଭଙ୍କର ମହାପାତ୍ର, ଜିଲା ସାଧାରଣ ସମ୍ପାଦକ ମିହିର ପାଣି, ସଦର ବିସ୍ତାରକ ମୃତ୍ୟୁଞ୍ଜୟ ଜେନା, ଯୁବମୋର୍ଚ୍ଚା ସଭାପତି ରଶ୍ମିରଞ୍ଜନ ଜେନା, ସରପଞ୍ଚ ଅନୀତା ବେହେରା, ସମିତିସଭ୍ୟା ଅଭିପ୍ସା ନାୟକ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ ଯୋଜନା ଫେଲ୍ ମାରିଥିବା ଉଦ୍‌ବୋଧନ ଦେଇଥିଲେ। ଉପଦେଷ୍ଟା ଶ୍ରୀଧର ବେହେରା, ସୃଷ୍ଟିଧର ବେହେରା, ପଞ୍ଚାୟତ ସଭାପତି ଚତୁର୍ଭୁଜ ବେହେରା, ଅନ୍ତର୍ଯ୍ୟାମୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗ୍ରାମୀଣ ମହୋତ୍ସବରେ ହେବ ଜଗନ୍ନାଥଙ୍କ ୩୨ ବେଶ

**ବାଲିଆପାଳ, ୨୦।୧୧(ଡି.ଏନ୍.ଏ.):** ଜଳେଶ୍ୱର, ବାଲିଆପାଳ, ବସ୍ତା, ଭୋଗରାଇ ବ୍ଲକକୁ ନେଇ ଗଠିତ ମହୋତ୍ସବ କମିଟି ଓ ଉତ୍ତର ବାଲେଶ୍ୱର ପ୍ରେସ କ୍ଲବ ପକ୍ଷରୁ ଡେମୁରିଆଠାରେ ଉତ୍ତରବାଲେଶ୍ୱର ଉପାନ୍ତ ଗ୍ରାମୀଣ ମହୋତ୍ସବ ଆସନ୍ତା ଡିସେମ୍ବର ୨୭ତାରିଖରୁ ଆରମ୍ଭ ହେବା ଜାନୁଆରୀ ୫ ତାରିଖରେ ଶେଷ ହେବ। ଏନେଇ ସୋମବାର ସନ୍ଧ୍ୟାରେ ଡେମୁରିଆ ହାଟ ପଡିଆଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଉତ୍ସବ ଅବକାଶ ଶ୍ରୀ ଜଗନ୍ନାଥଙ୍କର ୩୨ ବେଶ ହେବା ନେଇ ନିଷ୍ପତ୍ତି ନିଆଯାଇଛି। ଏହାଛଡା ମୀନାବଜାର, ନାଗରଦୋଳି, ନୃତ୍ୟସଙ୍ଗୀତ ପ୍ରତିଯୋଗିତା, ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ମହିଳା ସ୍ୱେଚ୍ଛାସେବୀ ସମ୍ମିଳନୀ ହେବା ନେଇ ନିଷ୍ପତ୍ତି ନିଆଯାଇଛି। ଉତ୍ସବ କମିଟି ସଭାପତି ପ୍ରତିତପାବନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କାର୍ଯ୍ୟକାରୀ ସଭାପତି ଅଧ୍ୟାପକ ସୁକାନ୍ତ କୁମାର ଗିରି, ସମାଜସେବୀ କମଲଲୋଚନ ଚକ୍ରବର୍ତ୍ତୀ, ଶଙ୍କର ବାରିକ, ରବୀନ୍ଦ୍ର ନାଥ ପ୍ରଧାନ, ଗଙ୍ଗାନାରାୟଣ ପରିଡା, ରାଜକୁମାର ପରିଡା, ଅଜିତ ସୁର, ସୁଶାନ୍ତ ପ୍ରଧାନ, ଦୀନକୃଷ୍ଣ ପ୍ରଧାନ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ଗ୍ରାମ୍ୟ ଜଳଯୋଗାଣ ଯୋଜନାର ଶୁଭାରମ୍ଭ

**ରେମୁଣା, ୨୦।୧୧(ଡି.ଏନ୍.ଏ.):** ରେମୁଣା ବ୍ଲକ ବରୁଣସିଂ ପଞ୍ଚାୟତର ଟିଣା ମଣ୍ଡଗାଁ ଗ୍ରାମରେ ମଙ୍ଗଳବାର ଗ୍ରାମ୍ୟ ଜଳଯୋଗାଣ ଯୋଜନାର ଶୁଭାରମ୍ଭ କରାଯାଇଛି। ଠିକାଦାରଙ୍କ କହିବା ଅନୁସାରେ ପ୍ରକଳ୍ପର ମୂଲ୍ୟ ୧ଲକ୍ଷ ୮୦ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି। ଆର୍‌ଡବ୍ଲ୍ୟୁଏସ୍ଏସ୍ର କନିଷ୍ଠଯନ୍ତ୍ରୀ ସୁନୀଲ ମଙ୍ଗରାଜ କହନ୍ତି ପ୍ରଥମେ ସେ ଜାଗାରେ ପାଣି ବ୍ୟବହାର ଉପଯୋଗୀ କି ନୁହେଁ ପ୍ରାଥମିକ ସ୍ତରର ଗଭୀର ନଳକୂପ ଖୋଳାଯାଇ ପାଣି ପରୀକ୍ଷା କରାଗଲା ପରେ ପ୍ରକଳ୍ପର ମୂଲ୍ୟ ନିର୍ଦ୍ଧାରଣ କରାଯିବ। ପ୍ରକଳ୍ପକୁ ରେମୁଣା ବ୍ଲକର ଉପାଧକ୍ଷ ମଞ୍ଜୁଲତା ଦାସ ଶୁଭ ଦେଇଥିଲେ।

## ■ ବସ୍ତାରେ ହାତୀ ଉପଦ୍ରବ ଜାରି

# ସନ୍ଧ୍ୟା ହେଲେ ଗାଁ ଶୂନଶାନ

**ବସ୍ତା, ୨୦।୧୧(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ବସ୍ତା ବ୍ଲକରେ ୮ ଦିନ ହେଲେ ହାତୀପଲଙ୍କ ଉପଦ୍ରବ ଜାରି ରହିଛି। ସୋମବାର ରାତିରେ ହାତୀପଲ ପୁରୁଷୋତ୍ତମପୁର ଗ୍ରାମରେ ପଶି ବ୍ୟାପକ କ୍ଷତି ଘଟାଇଛନ୍ତି। ରାତିରେ ଘର ଭାଙ୍ଗିବା ସହିତ ଗୋଟିଏ ବାଛୁରୀକୁ କଚାଡ଼ି ଦଳି ଦେଇଛନ୍ତି। ହାତୀପଲଙ୍କ ଉଗ୍ରରୂପ ଦେଖି ୫ ଗ୍ରାମର ବାସିନ୍ଦା ଭୟଭୀତ ହୋଇପଡିଛନ୍ତି। ସନ୍ଧ୍ୟା ହେଲେ ଗାଁ ଗଣ୍ଡ ଶୂନଶାନ ହୋଇଯାଉଛି।

ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡର ହାତୀପଲ ଆସି ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକର କାନପୁର ଜଙ୍ଗଲରେ ରହୁଛନ୍ତି। ଏହି ହାତୀପଲରେ ଛୋଟବଡ଼ ମିଶି ୩୨ ହାତୀ ରହୁଛନ୍ତି। ମୟୂରଭଞ୍ଜ ଓ ବାଲେଶ୍ୱର ଜିଲାର ସୀମାନ୍ତବର୍ତ୍ତୀ ପଞ୍ଚାୟତ ହେଉଛି ପୁରୁଷୋତ୍ତମପୁର ପଞ୍ଚାୟତ। ୮ଦିନ ଧରି ଏଠାରେ ହାତୀପଲଙ୍କ ତାଣ୍ଡବରେ ଶହ ଶହ ଏକର ଚାଷଜମି କ୍ଷତିଗ୍ରସ୍ତ ହୋଇଛି। ସୋମବାର ରାତିରେ ହାତୀମାନେ ଏହି ପଞ୍ଚାୟତର ପୁରୁଷୋତ୍ତମପୁର, ବାଗଲଡ଼ିହା, ନୂଆଗାଁ, ସରିଶା ଗ୍ରାମ ସିହିତ ନଟାକଟା ପଞ୍ଚାୟତର ଚାଷୀପଡ଼ା, ହଦମୌଦ ଗ୍ରାମରେ ବ୍ୟାପକ କ୍ଷତି କରିଛନ୍ତି। ପୁରୁଷୋତ୍ତମପୁର ଗ୍ରାମର ରବି ଦଳାଇଙ୍କ ଘର ଭାଙ୍ଗିବା ସହ ଗ୍ରାମରେ ଥିବା କଦଳୀ, ନଡ଼ିଆ, ତାଳ ଗଛ ଓପାଡ଼ି ଭାଙ୍ଗି ଦେଇଛନ୍ତି। ତାଙ୍କ ଘରେ ବନ୍ଧା ଯାଇଥିବା ତିନିଟି ଗୋରୁ ମଧ୍ୟରୁ ଗୋଟିଏ ବାଛୁରୀକୁ ହାତୀପଲ ଦଳି ମାରିବା ବେଳେ ଅନ୍ୟ ଗୋରୁସବୁ ପଘା ଛଡ଼ାଇ ପଳାଇ ଯାଇଥିଲେ। ହାତୀ ଯୋଗୁ ବିଦ୍ୟୁତ୍ କାଟ ହେଉଥିବାରୁ ଲୋକେ ଅନ୍ଧାରରେ କବାଟ କିଳି ରହୁଛନ୍ତି। ବାଲେଶ୍ୱର, ଜଳେଶ୍ୱର ତଥା ମୟୂରଭଞ୍ଜ ଜିଲାର ୪ଟି ଟିମ୍ ମିଶି ୪୫ରୁ ଉର୍ଦ୍ଧ୍ୱ କର୍ମଚାରୀ ହାତୀ ଘଉଡ଼ାଇବା କାର୍ଯ୍ୟରେ ନିୟୋଜିତ ଥିଲେ ମଧ୍ୟ ସେମାନଙ୍କୁ ନାକେଦମ ହେବାକୁ ପଡ଼ିଛି। ବିଭାଗୀୟ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ଦିନରେ ହାତୀପଲ କାନପୁର ଜଙ୍ଗଲରେ ରହୁଥିବା ବେଳେ ରାତି ହେଲେ ଗ୍ରାମ ମଧ୍ୟକୁ ପଶି ତାଣ୍ଡବ ରଚୁଛନ୍ତି। ତୁରନ୍ତ ଫସଲ ଅମଳ ପାଇଁ ପ୍ରଶାସନ ପକ୍ଷରୁ କୁହାଯାଉଥିବା ବେଳେ କେତେକ ସ୍ଥାନରେ ଲୋକେ ଅଧା ପାଚିଲା ଧାନ କାଟି ଦେଇଛନ୍ତି। ହାତୀ ଭୟରେ ଧାନକଟା ମେସିନ ମଧ୍ୟ ଧାନ କାଟିବାକୁ ଆସୁନାହିଁ। ବନବିଭାଗର କର୍ମଚାରୀ ନିଆଁହୁଳା, ବାଣଫୁଟାଇ ହାତୀମାନଙ୍କୁ ଦୂରକୁ ନେଇ ଛାଡ଼ି ଦେଇ ଆସିବା ପରେ ରାତିରେ ସେମାନେ ପୁଣି ଫେରିବା ଓ ସ୍ଥାନ ପରିତ୍ୟାଗ ନ କରିବା ବନବିଭାଗର ମୁଣ୍ଡ ବ୍ୟଥାର କାରଣ ପାଲଟିଛି।

### ଘର ଭାଙ୍ଗିଲେ, ବାଛୁରୀକୁ ଦଳି ଦେଲେ



ହାତୀ ଦ୍ୱାରା ଗଛ ନଷ୍ଟ ଏବଂ ବାଛୁରୀ ମୃତ।




ଥାନା ଛକ କମ୍ୟୁନିଟି ସେଣ୍ଟରଠାରେ ସିପିଏମ୍‌ର ଜନଜାଗରଣ ସଭା।

# 'କେନ୍ଦ୍ର ବିରୋଧରେ ଜାରି ରହିବ ଲଢ଼େଇ'

## ■ ଜନଜାଗରଣ ସଭାରେ ରଣହୁଙ୍କାର

**ଭୋଗରାଇ, ୨୦।୧୧(ଡି.ଏନ୍.ଏ.)**

କେନ୍ଦ୍ରରେ ମୋଦି ସରକାରଙ୍କ ସାମ୍ପ୍ରଦାୟିକତା ରାଜନୀତି, ଦରଦାମ୍ ବୃଦ୍ଧି, କୃଷକମାରଣ ନୀତି ଓ ବେକାରୀ ବୃଦ୍ଧି ସହିତ ରାଜ୍ୟରେ ବିଜେଡି ସରକାରଙ୍କ ବିଫଳତା ବିରୋଧରେ ସିପିଏମ୍ ଲଢ଼େଇ ଜାରି ରଖିବ। ଏଥିନିମନ୍ତେ ସାରା ରାଜ୍ୟରେ ବ୍ୟାପକ ଭାବେ ଜନମତ ସୃଷ୍ଟି କରି ଗଣଆନ୍ଦୋଳନ କରାଯିବ ବୋଲି ବୋଲି ମଙ୍ଗଳବାର ସନ୍ଧ୍ୟାରେ ଥାନାଛକ ସ୍ଥିତ କମ୍ୟୁନିଟି ସେଣ୍ଟର ସମ୍ମୁଖରେ ଅନୁଷ୍ଠିତ ଜନଜାଗରଣ ସଭାରେ ସିପିଏମ୍, ଭୋଗରାଇ ଶାଖା ପକ୍ଷରୁ ଘୋଷଣା କରାଯାଇଛି। ବରିଷ୍ଠ ସିପିଆଇଏମ୍ ନେତା ଚିତ୍ତରଞ୍ଜନ ଦାସଙ୍କ ପୌରୋହିତ୍ୟରେ କମ୍ରେଡ଼ ଦିଲୀପ କୁମାର ଗିରି, ଦୀପ୍ତିମାନ ଆଚାର୍ଯ୍ୟ, ଅଧୀର ଗିରି ଗୋସ୍ୱାମୀ, ସୀତାଂଶୁ ସେନାପତି, କୃଷମାହନ ମୁର୍ମୁ ପ୍ରମୁଖ କେନ୍ଦ୍ର ଓ ରାଜ୍ୟସରକାରଙ୍କୁ କଟୁ ସମାଲୋଚନା କରିଥିଲେ।

# ଅଘୋଷିତ ବିଦ୍ୟୁତକାଟ୍‌କୁ ବିରୋଧ

**ବାଲିଆପାଳ, ୨୦।୧୧(ସ୍ୱ.ପ୍ର.)**

ଅଘୋଷିତ ବିଦ୍ୟୁତକାଟ ବିରୋଧରେ ବାଲିଆପାଳ ସୂଚନା ଅଧିକାର ସଂଘ ତରଫରୁ ମଙ୍ଗଳବାର ବାଲିଆପାଳ ବିଦ୍ୟୁତ୍ ବିଭାଗୀୟ କନିଷ୍ଠଯନ୍ତ୍ରୀଙ୍କ ଅଫିସ ଘେରାଉ କରାଯାଇଥିଲା। ସଂଘ ସଭାପତି ଅନୁଜ କୁମାର ମହାପାତ୍ରଙ୍କ ନେତୃତ୍ୱରେ ବାଲିଆପାଳ ଅଞ୍ଚଳରୁ ବହୁ ଉପଭୋକ୍ତାଙ୍କ ସହିତ ସଂଘର ସକ୍ରିୟ କର୍ମକର୍ତ୍ତା କୋଶଧ୍ୱଜ ଜେନା, ଗୋପାଳ ଗଙ୍ଗାଇ, ପ୍ରହ୍ଲାଦ ଘଡ଼ାଇ, ବେଣୁଧର ଜେନା ଘେରାଉ ସାମିଲ ହୋଇଥିଲେ। ଦାବିଗୁଡିକ ମଧ୍ୟରେ ଅଘୋଷିତ ବିଦ୍ୟୁତକାଟ୍ ବନ୍ଦ କରିବା, ଅତ୍ୟାବଶ୍ୟକ ସମୟ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇବା, ଖରାପ ହୋଇଯାଉଥିବା ମିଟରଗୁଡ଼ିକୁ ତୁରନ୍ତ ପରିବର୍ତ୍ତନ କରିବା ଆଦି ଅନ୍ତର୍ଭୁକ୍ତ। ସଂଘ ପକ୍ଷରୁ ଏସ୍‌ଡ଼ିଓ ସୁଶାନ୍ତ ବାରିକଙ୍କ ଉପସ୍ଥିତିରେ ବାଲିଆପାଳ ବିଭାଗୀୟ କନିଷ୍ଠଯନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଥିଲା। ଏସ୍‌ଡ଼ିଓ ୧୫ଦିନ ମଧ୍ୟରେ ସମସ୍ତ ବିଷୟରେ ସମାଧାନ କରାଯିବାର ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀମାନେ ଆନ୍ଦୋଳନରୁ ଓହରିଥିଲେ।




ବାଲିଆପାଳ ସୂଚନା ଅଧିକାର ସଂଘ ତରଫରୁ କନିଷ୍ଠଯନ୍ତ୍ରୀଙ୍କ ଅଫିସ୍‌କୁ ଘେରାଉ କରାଯାଉଛି।

## ବକ୍ତୃତା ପ୍ରତିଯୋଗିତା

**ସୋର, ୨୦।୧୧(ଡ଼ି.ଏନ୍.ଏ.)**

ଉପେନ୍ଦ୍ରନାଥ ସ୍ମୃତି ପରିଷଦ ପକ୍ଷରୁ ସ୍ଥାନୀୟ ସୋର ହେମପ୍ରଭା ହାଇସ୍କୁଲ ପରିସରରେ ମଙ୍ଗଳବାର 'ଶିକ୍ଷା ଓ ଉପେନ୍ଦ୍ରନାଥ' ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରାଧ୍ୟାପକ ଅଭୟ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ ଚେମେଇ ଦାସ, ଲକ୍ଷ୍ମଣ କୁମାର ପୁହାଣ, ପ୍ରତିମା ଦାଶ ଓ ଚନ୍ଦ୍ରମୋହନ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବାଷା ମହାନ୍ତି ସ୍ୱାଗତ ଭାଷଣ, ଉମାକାନ୍ତ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଧିରେନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଭାଗିରଥୀ ବିଶ୍ୱାଳ, ରାଧାକୃଷ୍ଣ ମହାପାତ୍ର, ଶୁକଦେବ ନାୟକ, ମନୀନ୍ଦ୍ର ଦୀକ୍ଷିତ, ଶୈଳବାଳା ପଣ୍ଡା, ଅଗ୍ନିଷ ମହାପାତ୍ର, ଅମରେନ୍ଦ୍ର ନନ୍ଦ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# 'ହାତୀ ଉପଦ୍ରବ ରୋକୋ, ନହେଲେ ଆନ୍ଦୋଳନ'

**ସଜନାଗଡ଼, ୨୦।୧୧(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ନୀଳଗିରିରେ ଝାଡ଼ଖଣ୍ଡ ହାତୀ ଉପଦ୍ରବ ଚରମସୀମାରେ ପହଞ୍ଚିଛି। ଏହାର ପ୍ରତିକାର ପାଇଁ ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ। ଗତ ୯ବର୍ଷ ହେଲା ଏପରି ସମସ୍ୟା ବନାଞ୍ଚଳବାସୀଙ୍କ ନିଦ ହଜାଇଛି। ଆଗରୁ ଝାଡ଼ଖଣ୍ଡ ହାତୀ ଚଳପ୍ରଚଳ କରୁଥିବା ରାସ୍ତାକୁ ବନ୍ଦ କରି ଦିଆଯିବାରୁ ହାତୀମାନେ ସେମାନଙ୍କର ଗତିପଥ ବଦଳାଇ ନୀଳଗିରିକୁ ଆସୁଛନ୍ତି। ଏହାର ପ୍ରତିକାର ପାଇଁ ଝାଡ଼ଖଣ୍ଡ, ଓଡ଼ିଶା ଓ କେନ୍ଦ୍ର ସରକାର ଉଦ୍ୟମ କରିବା ଉଚିତ୍। କେନ୍ଦ୍ର ବା ରାଜ୍ୟ ସରକାର ଏଠାକାର ଗରିବ ଓ ଆଦିବାସୀଙ୍କର ଧନ, ଜୀବନର ସୁରକ୍ଷା ପାଇଁ ଆଦୌ ଚିନ୍ତିତ ନୁହନ୍ତି। ଏହାର ପ୍ରତିକାର କରା ନ ଗଲେ ନୀଳଗିରି ଗଡ଼ଜାତବାସୀଙ୍କ ତରଫରୁ ଏହି ଆନ୍ଦୋଳନର ଡାକରା ଦିଆଯିବ ବୋଲି ନୀଳଗିରିର ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ଏକ ପ୍ରେସ୍ ବିବୃତି ଜରିଆରେ ଜଣାଇଛନ୍ତି।

# ଜଗନ୍ନାଥଙ୍କ 'ସୁନାବେଶ'

**ବାଲିଆପାଳ, ୨୦।୧୧(ଡି.ଏନ୍.ଏ.)**

ମହାପ୍ରଭୁ ଜଗନ୍ନାଥ ହେଉଛନ୍ତି ଅନୁଭବର ଠାକୁର। ଏମିତି କୌଣସି ଦେଶ ନାହିଁ ଯେଉଁଠାରେ ତିନି ଠାକୁର ପୂଜା ପାଉ ନାହାନ୍ତି। ଏଣୁ ମହାପ୍ରଭୁଙ୍କର କୌଣସି ପ୍ରଚାର, ପ୍ରସାର ଆବଶ୍ୟକତା ନାହିଁ। କେବଳ ଅନୁଭବ ଓ ଚେତନାର ଆବଶ୍ୟକତା ଅଛି ବୋଲି ବାଲିଆପାଳ ବ୍ଲକ ପାକମୁଡ଼ି ଗ୍ରାମରେ ପବିତ୍ର ପଞ୍ଚକ ଓ ରାହାସ ପୂର୍ଣ୍ଣିମା ଅବସରରେ ଜଗତର ନାଥ ଜଗନ୍ନାଥଙ୍କ ପବିତ୍ର ସୁନାବେଶ ଓଂ ପ୍ରବଚନ କାର୍ଯ୍ୟକ୍ରମରେ ଯୋଗ ଦେଇ ବିଶିଷ୍ଟ ପ୍ରବଚକ ଅଧ୍ୟାପକ ଡ. ସତୀଶଚନ୍ଦ୍ର ପଣ୍ଡା କହିଛନ୍ତି। ଜଗନ୍ନାଥ ଚେତନା ଓ ସଂସ୍କୃତି ପରିଷଦ ପାକମୁଡ଼ି ତରଫରୁ ୫ଦିନ ବ୍ୟାପୀ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ପଣ୍ଡାଙ୍କ ସମେତ ପ୍ରବଚକ ଅଧ୍ୟାପକ ଅଶୋକ ରଥ, ପ୍ରବଚକ ବିଜୟ କୁମାର ଜେନା ପ୍ରମୁଖ ଜଗନ୍ନାଥ ସଂସ୍କୃତି ଉପରେ ପ୍ରବଚନ ଦେବେ। ଠାକୁରଙ୍କ ସୁନାବେଶ ସହିତ ପ୍ରତିଦିନ ସନ୍ଧ୍ୟାରେ ଭଜନ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

# ଭାଜପାର ଜନପରାମର୍ଶ ପଦଯାତ୍ରା

**ବାଲିଆପାଳ, ୨୦।୧୧(ଡି.ଏନ୍.ଏ.)**

ଭାଜପା କାଳିପଦା ମଣ୍ଡଳ ପକ୍ଷରୁ ଜନପରାମର୍ଶ ପଦଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି। କାଳିପଦା ମଣ୍ଡଳର ଅଳାଡିହା ପଞ୍ଚାୟତର ଅଳାଡିହା ଗଣ୍ଡଦଳା ବାଲିବିଲ ତାରିଣୀ ମନ୍ଦିର ପାଖରୁ ପଦଯାତ୍ରା ଶୁଭାରମ୍ଭ ହୋଇ ଅଳାଡିହା, ବାଲିବିଲ, ଚାନ୍ଦମଣି, କୁହ୍ଲାବାଗ ପ୍ରଭୃତି ଗ୍ରାମ ପରିକ୍ରମା କରି ଲୋକଙ୍କର ସମସ୍ୟାକୁ ପରାମର୍ଶ ପେଟିକାରେ ସଂଗ୍ରହ କରିଥିଲେ। ୧୮ ବର୍ଷର ଅପରାଗ ସ୍ଥାଣୁ ରାଜ୍ୟ ସରକାରଙ୍କ ବିରୋଧରେ ପଦଯାତ୍ରାରେ ଭାଜପା ନେତୃମଣ୍ଡଳୀ ଜନସାଧାରଣଙ୍କୁ ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା ମାଧ୍ୟମରେ ଅବଗତ କରାଇଥିଲେ। ଭାଜପା କାଳିପଦା ମଣ୍ଡଳ ସଭାପତି ରତ୍ନାକର କୁହ୍ଲାରୀଙ୍କ ପରିଚାଳନାରେ ଅନୁଷ୍ଠିତ ଜନପରାମର୍ଶ ପଦଯାତ୍ରାରେ ଜିଲାସାଧାରଣ ସମ୍ପାଦକ ଅଜୟ କୁମାର ସାହୁ, ଜାତୀୟ ପରିଷଦ ସଦସ୍ୟ ଶ୍ୟାମାପ୍ରସାଦ ବେହେରା, ଯୁବମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକ ତୁଷାରକାନ୍ତ ବେହେରା, ଓବିସି ମୋର୍ଚ୍ଚା ରାଜ୍ୟକାରିଣୀ ସଦସ୍ୟ ଶିବଶଙ୍କର ପ୍ରଧାନ, ଯୁବନେତା କ୍ଷୀତିଶ କୁମାର ଜେନା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି କେନ୍ଦ୍ର ସରକାରଙ୍କ ଜନକଲ୍ୟାଣ ଯୋଜନା ରାଜ୍ୟର ବିଜେଡି ସରକାର ଲାଗୁ କରିବାରେ ପ୍ରତିବନ୍ଧକ ସାଜିଥିବାରୁ ସମାଲୋଚନା କରିଥିଲେ।

## ୫ ଚୋରା ମଦ ବେପାରୀ ଗିରଫ

**ଜଳେଶ୍ୱର, ୨୦।୧୧(ଡି.ଏନ୍.ଏ.):** ମଙ୍ଗଳବାର ଭୋର ସମୟରେ ଜଳେଶ୍ୱର ଅବକାରୀ ବିଭାଗ ପକ୍ଷରୁ ଜଳେଶ୍ୱର ଥାନା ଅଞ୍ଚଳର ମ୍ୟୁନିସିପାଲିଟି ଅଧୀନ ନହଞ୍ଜରା ଓ ବ୍ଲକ ଅଧୀନ ଆରୁହା ଗ୍ରାମରେ ଅତର୍କିତ ଚଢ଼ାଉ କରାଯାଇ ୫୩ ଲିଟର ଦେଶୀରନ୍ଧା ମଦ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୫ ବେପାରୀଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ନହଞ୍ଜରା ଗ୍ରାମର ଟୋପା ସୋରେନ, ଚନ୍ଦନ କିସ୍କୁ ଓ ଆରୁହା ଗ୍ରାମର ରବୀନ୍ଦ୍ର ସିଂ, ଲକ୍ଷ୍ମୀ ସିଂ, ମିତାଲି ସିଂ। ସେମାନଙ୍କୁ ସ୍ଥାନୀୟ ଜେଏମ୍ଏଫ୍‌ସି କୋର୍ଟରେ ହାଜର କରାଯାଇଛି। ଜଳେଶ୍ୱର ଅବକାରୀ ଏସ୍ଆଇ ହରପ୍ରସାଦ ରଣାଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା। ଗିରଫ ୫ ଅଭିଯୁକ୍ତଙ୍କ ବିରୋଧରେ ପୃଥକ ମାମଲା ରୁଜୁ ହୋଇଛି।

# ନବଜାତ ଶିଶୁଙ୍କ ଲାଗି ସଚେତନତା ଶୋଭାଯାତ୍ରା

**ବାଲେଶ୍ୱର ଅଫିସ, ୨୦।୧୧**

ବାଲେଶ୍ୱର ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ନବଜାତ ଶିଶୁର ଯତ୍ନ ସପ୍ତାହ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ସଭା ସ୍ଥାନୀୟ ଅଙ୍ଗାରଗଡ଼ିଆ ବିକାଶନଗର ଅଙ୍ଗନୱାଡ଼ି କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି।

ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିବେକାନନ୍ଦ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଶିଶୁରୋଗ ବିଶେଷଜ୍ଞ ଡା. ସ୍ୱର୍ଣ୍ଣଲତା ପାଣିଗ୍ରାହୀ ଯୋଗଦେଇ ନବଜାତ ଶିଶୁର ଯତ୍ନ, ଟୀକାକରଣ, ସ୍ତନ୍ୟପାନ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ନରେଶ ଚନ୍ଦ୍ର ଦାସ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ରମଣୀକାନ୍ତ ଭଞ୍ଜ, ସିଡ଼ିପିଓ ସବିତା ରାଉତ, ସୁପରଭାଇଜର ଶାନ୍ତିଲତା ସାମଲ, ଶୁଭଶ୍ରୀ ଜେନା, ବିଷ୍ଣୁପ୍ରିୟା ଜେନା, ପବ୍ଲିକ ହେଲଥ ମ୍ୟାନେଜର ସଞ୍ଜୟ ପରିଡ଼ା ପ୍ରମୁଖ ଶିଶୁ ଯତ୍ନ ସମ୍ପର୍କରେ ଆଲୋଚନା କରିଥିଲେ। ଏହାପରେ ଏକ ସଚେତନତା ଶୋଭାଯାତ୍ରା ସ୍ଥାନୀୟ ସତ୍ୟସାଇ ବିଦ୍ୟାମନ୍ଦିରରୁ ବାହାରି ଅଙ୍ଗାରଗଡ଼ିଆ ଅଞ୍ଚଳ ପରିକ୍ରମା କରିଥିଲା। କାର୍ଯ୍ୟକ୍ରମକୁ ସ୍ଥାନୀୟ ଅଙ୍ଗନୱାଡ଼ି କର୍ମୀ ଅମିତା ଚାନ୍ଦ, ସସ୍ମିତା ସାମଲ, ରେବତୀ ପାଠକ, ସଙ୍ଗୀତା ମହାନ୍ତି, ଗୌରମଣୀ ମହାପାତ୍ର ଓ ମହିଳା ସ୍ୱାସ୍ଥ୍ୟକର୍ମୀ ସଞ୍ଜୁଲତା ବେହେରା ପ୍ରମୁଖ ପରିଚାଳନା କରିଥିଲେ।




ନବଜାତ ଶିଶୁର ଯତ୍ନ ସପ୍ତାହ ଉପଲକ୍ଷେ ଆୟୋଜିତ ସଭାରେ ଉପସ୍ଥିତ ଅତିଥି।

# ଆଞ୍ଚଳିକ ଯାଦବ ସମ୍ମିଳନୀ

**ଖଇରା, ୨୦।୧୧(ଡି.ଏନ୍.ଏ.)**

ଖଇରା ବ୍ଲକ ଝିଙ୍କିରିଆ ପଞ୍ଚାୟତର ଝିଙ୍କିରିଆ ଗ୍ରାମରେ ରବିବାର ଆଞ୍ଚଳିକ ଯାଦବ ସମ୍ମିଳନୀ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାଧ୍ୟାପକ ନରହରି ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ପ୍ରାଧ୍ୟାପକ ରତ୍ନାକର ବାରିକ, ଅଧ୍ୟାପକ ଭାଗବତ ବାରିକ, ପୂର୍ଣ୍ଣଚନ୍ଦ୍ର କବି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଯାଦବଙ୍କ ଇଷ୍ଟ ଦେବତା ରାଧାକୃଷ୍ଣଙ୍କ ଭଳି ଯାଦବମାନେ ସୁସଙ୍ଗଠିତ ହୋଇ ସମାଜରୁ ଅନ୍ଧ ବିଶ୍ୱାସ, କୁସଂସ୍କାର ଦୂର କରିବା ସହ ସମାଜକଲ୍ୟାଣ କାର୍ଯ୍ୟରେ ସମର୍ପିତ କରିବାକୁ ଅତିଥିମାନେ ଉପସ୍ଥିତ ଯାଦବମାନଙ୍କୁ ପରାମର୍ଶ ଦେଇଥିଲେ। ସନ୍ୟାସୀ ଭଞ୍ଜ, ପରୀକ୍ଷିତ ବାରିକ, ଉମାକାନ୍ତ ବେହେରା, କମଳା ପଢିହାରୀ, ଆନନ୍ଦ ପଲେଇ, ନରହରି ପଲେଇ, ଦୈତାରୀ ବାରିକ୍, ହେମନ୍ତ ବାରିକ, ଶଶି ଖିଲାର ପ୍ରମୁଖ ସମ୍ମିଳନୀ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଭାତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।




ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

# 'ସ୍ୱୟଂଚାଳିତ ଆଲୋକ' ପ୍ରକଳ୍ପ ଶ୍ରେଷ୍ଠ

**ସିମୁଳିଆ, ୨୦।୧୧(ଡି.ଏନ୍.ଏ.)**

ସିମୁଳିଆ ବ୍ଲକ ଅଧୀନ ରଘୁନାରାୟଣ ହାଇସ୍କୁଲ ମାର୍କୋଣା ପରିସରରେ ମଙ୍ଗଳବାର ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ସବ୍‌ଜୁନିୟର ବିଭାଗରେ ୨୩ଜଣ, ଜୁନିୟର ବିଭାଗରେ ୫୨ ଓ ସିନିୟର ବିଭାଗରେ ୨୪ଜଣ ମୋଟ୍ ୯୯ଜଣ କୁନି ବୈଜ୍ଞାନିକ ନିଜର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ସେମାନଙ୍କ ମଧ୍ୟରୁ ୮ ପ୍ରକଳ୍ପ ଜିଲାସ୍ତରୀୟ ବିଜ୍ଞାନମେଳାକୁ ମନୋନୀତ ହୋଇଛି।

ସବ୍ ଜୁନିୟର ବିଭାଗରେ ବାଡୁଲି ନୋଡ଼ାଲ ସ୍କୁଲର ଛାତ୍ରୀ ଜୟସ୍ମିତା ନାୟକଙ୍କ ସ୍ମାର୍ଟରୋଡ଼, ବାଲିଖଣ୍ଡ ବିଦ୍ୟାଳୟର ଜତୀନ୍ଦ୍ର ବେହେରାଙ୍କ ସୌରକୋନର ବହୁମୁଖୀ ଉପଯୋଗିତା, ଜୁନିୟର ବିଭାଗରେ କାଞ୍ଚନ କମଳା ବିଦ୍ୟାଳୟର ପ୍ରଭାତ କୁମାର ମିଶ୍ରଙ୍କ ସୌରଶକ୍ତି ଦ୍ୱାରା ଟ୍ରାଫିକ ନିୟନ୍ତ୍ରଣ, ସବଙ୍ଗ ବିଦ୍ୟାଳୟର ସୌଭାଗ୍ୟ ରଞ୍ଜନ ନାୟକଙ୍କ ଟାୱାର ନିର୍ମାଣ, ଜୁନିଅର ବିଭାଗରେ ଭାରତ ସେବାନିଧି ବିଦ୍ୟାଳୟର ଶିବୁ ବେହେରାଙ୍କ ଗାଡ଼ିରେ ସ୍ୱୟଂଚାଳିତ ଆଲୋକ, ବଳଦେବଜୀଉ ବିଦ୍ୟାଳୟ ମନସ୍ୱୀ ମିଶ୍ରଙ୍କ ସ୍ମାର୍ଟ ବାସଗୃହ, ବରିହା ବିଦ୍ୟାଳୟର ଓମ୍ ପ୍ରକାଶ ପଡ଼ିହାରୀଙ୍କ ମୋବାଇଲ ଦ୍ୱାରା ଜଳ ନିୟନ୍ତ୍ରଣ ଓ ମାର୍କୋଣା ବାଳିକା ବିଦ୍ୟାଳୟର ଛାତ୍ରୀ ସୁନୀତାରାଣୀ ଜେନାଙ୍କ ନଷ୍ଟରୁ ସୃଷ୍ଟି ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ଏସବୁ ପ୍ରକଳ୍ପ ମଧ୍ୟରେ 'ଗାଡ଼ିରେ ସ୍ୱୟଂଚାଳିତ ଆଲୋକ' ପ୍ରକଳ୍ପ ଶ୍ରେଷ୍ଠ ବିବେଚିତ ହୋଇଛି। ଏହି ଅବସରରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ମାୟାଧର ସାହୁଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ରୂପେ ବ୍ଲକ ଅଧକ୍ଷା ଧରିତ୍ରୀ ମହାରଣା, ମୁଖ୍ୟବକ୍ତା ରୂପେ ଭଦ୍ରକ କଲେଜର ପଦାର୍ଥ ବିଜ୍ଞାନର ଅଧ୍ୟାପକ ଡ. କମଳାକାନ୍ତ ଜେନା, ସିମୁଳିଆ କଲେଜର ଅଧ୍ୟାପକ ଡ. ସୁକଦେବ ମଲିକ, ଡ. ଶୁଭେନ୍ଦୁ ଶେଖର ମଲିକ, ପ୍ରାକ୍ତନ ପ୍ରଧାନଶିକ୍ଷକ ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ପଦ୍ମଲୋଚନ ଦାଶ, ଜ୍ୟୋତିସ୍ମିତା ନାୟକ, ବ୍ଲକ ଓସ୍ଥା ସମ୍ପାଦକ ପ୍ରସନ୍ନ କୁମାର ଧଳ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ବିଜ୍ଞାନ ସଂଯୋଜକ ଚିତ୍ତରଞ୍ଜନ ମହାନ୍ତି ବିଜ୍ଞାନମେଳା ସମ୍ପର୍କରେ ସୂଚନା ଦେଇଥିଲେ। ବିଆର୍‌ସି ବିଶ୍ୱମ୍ବର ପଣ୍ଡା ବେଦପାଠ, ଶିକ୍ଷକ ବନମାଳୀ ନାୟକ ମଞ୍ଚ ଆହ୍ୱାନ ଓ ସୂର୍ଯ୍ୟମଣୀ ବୋଇତି ଧନ୍ୟବାଦ ଅର୍ପଣ କରିଥିଲେ।

### ବ୍ଲକସ୍ତରୀୟ ବିଜ୍ଞାନ ମେଳା



ଜଣେ କୁନି ବୈଜ୍ଞାନିକ ନିଜ ପ୍ରକଳ୍ପ ସମ୍ପର୍କରେ ସୂଚନା ଦେଉଛନ୍ତି।

## ସଂକ୍ଷେପରେ

### ଚୋରାକାଠ ବୋଝେଇ ମିନିଟ୍ରକ୍ ଜବତ



ଭଣ୍ଡାରିପୋଖରୀ, ୨୦।୧୧(ଡି.ଏନ.ଏ.): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଦିନକୁ ଦିନ ଚୋରାକାଠ ବ୍ୟବସାୟୀଙ୍କ ପାର୍ଦୁଭାବ ବଢିବାରେ ଲାଗିଛି। ସୋମବାର ରାତି ସାଢେ ୮ଟା ସମୟରେ ଭଣ୍ଡାରିପୋଖରୀ ରେଞ୍ଜ ଅଧୀନ ବନ୍ତ ବ୍ଲକର ପ୍ରଧାନପଡା ରାସ୍ତାରେ ଏକ ମିନିଟ୍ରକ (ଓଆର ୦୧ ବି ୯୦୧୧) ରେ ଚୋରା କାଠଗଣ୍ଡି ନିଆଯାଉଥିବା ସୂଚନା ପାଇ ଧାମନଗର ରେଞ୍ଜ ଅଫିସର ସମୀର କୁମାର ରାଉତ, ବନପାଳ ପ୍ରକାଶ ଦାସ ପ୍ରମୁଖ ଚଢାଉ କରିଥିଲେ। ଘଟଣାସ୍ଥଳରୁ ଚାଳକ ଫେରାର ହୋଇଯାଇଥିଲେ। ଜବତ ୧୦୦ ସିଫ୍ଟ କାଠଗଣ୍ଡି ମଧ୍ୟରେ ପୁଣ୍ଡିଆ, ନିମ୍ବ ରହିଛି। ଏହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ହେବ ।

### ରାଶନକାର୍ଡ ହିତାଧିକାରୀଙ୍କୁ ମିଳୁନି ଏଲଇଡି ବଲ୍ବ

ବନ୍ତ,୨୦।୧୧(ଡି.ଏନ୍.ଏ.): କେନ୍ଦ୍ର ଓ ରାଜ୍ୟ ସରକାର ସାଧାରଣ ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ଓ ଗହମ ଯୋଗାଇ ଦେଉଥିବା ବେଳେ ଏବେ ମାଗଣାରେ ଏଲଇଡି ବଲ୍ବ ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି। ଏହି ବ୍ୟବସ୍ଥା ବିଭିନ୍ନ ବ୍ଲକରେ କାର୍ଯ୍ୟକାରୀ ହୋଇସାରିଥିବା ବେଳେ ତାହା ବନ୍ତ ବ୍ଲକର କେତେକ ପଞ୍ଚାୟତରେ ଦେଖିବାକୁ ମିଳୁନାହିଁ। ବନ୍ତ ବ୍ଲକର ଯେଉଁ ପଞ୍ଚାୟତ ଗୁଡିକ ଖାଉଟି ସାମଗ୍ରୀ ବଣ୍ଟନ ଦାୟିତ୍ୱ ନେଇଛନ୍ତି ସେହିସବୁ ପଞ୍ଚାୟତରେ ଏହି ଏଲଇଡି ବଲ୍ବ ମିଳୁଥିବାର ଦେଖାଯାଇଛି। ମାତ୍ର ଯେଉଁ ପଞ୍ଚାୟତରେ ରିଟେଲର ମାନେ ଖାଉଟି ସାମଗ୍ରୀ ବଣ୍ଟନ ଦାୟିତ୍ୱ ନେଇଛନ୍ତି ସେହିସବୁ ପଞ୍ଚାୟତରେ ଅଦ୍ୟାବଧି ଏଲଇଡି ବଲ୍ବ ବିତରଣ କରାଯାଇ ନାହିଁ। ତେବେ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସାଧାରଣ ହିତାଧିକାରୀଙ୍କୁ ତୁରନ୍ତ ଏଲଇଡି ବଲ୍ବ ଯୋଗାଇ ଦେବାକୁ ଦାବି ହୋଇଛି।

### ଜିଆରଏସ୍‌ଙ୍କ ଧାରଣା ଷଷ୍ଠ ଦିନରେ



ବନ୍ତ,୨୦।୧୧(ସ୍ୱ.ପ୍ର.): ଓଡିଶା ଗ୍ରାମ ରୋଜଗାର ସେବକ ସଂଘ ଆହ୍ୱାନ କ୍ରମେ ସ୍ଥାୟୀ ନିଯୁକ୍ତି ଦାବିରେ ବ୍ଲକ କାର୍ଯ୍ୟାଳୟ ଆଗରେ ଚାଲିଥିବା ଧାରଣା ମଙ୍ଗଳବାର ଷଷ୍ଠ ଦିନରେ ପହଞ୍ଚିଛି। ଗତ ୧୫ ତାରିଖ ଠାରୁ ବନ୍ତ ବ୍ଲକ କାର୍ଯ୍ୟାଳୟ ଆଗରେ ବ୍ଲକର ୨୫ ପଞ୍ଚାୟତର ମୋଟ ୧୪ ଜଣ ଗ୍ରାମ ରୋଜଗାର ସେବକ ସରକାରୀ ଅବହେଳାକୁ ବିରୋଧ କରି ଅନିର୍ଦ୍ଦିଷ୍ଟ କାଳପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ସଂଘ ସଭାପତି ସରୋଜ କୁମାର ସାମଲ, ସମ୍ପାଦକ ରାଜେଶ କୁମାର ଜେନା, କୋଷାଧ୍ୟକ୍ଷ ବନୀତା ରାଣୀ ନାୟକ, ଅଶୋକ କୁମାର ଦାସଙ୍କ ସମେତ କାର୍ଯ୍ୟରତ ଜିଆରଏସ୍ ମାନେ ଧାରଣାରେ ଯୋଗ ଦେଇଛନ୍ତି।

### ଓକିଲ ଅକ୍ରରଙ୍କ ବିୟୋଗରେ କୋର୍ଟ ବନ୍ଦ

ଧାମନଗର,୨୦।୧୧(ଡି.ଏନ.ଏ.):ଭଦ୍ରକର କାର୍ଯ୍ୟରତ ଓକିଲ ଅକ୍ରୁର ଜମାନାଙ୍କ ବିୟୋଗରେ ଧାମନଗର କୋର୍ଟରେ ଶୋକ ପ୍ରାର୍ଥନା ସହିତ ଦିନକ ପାଇଁ କୋର୍ଟ କାର୍ଯ୍ୟ ଓକିଲ ସଂଘ ତରଫରୁ ବନ୍ଦ ରଖାଯାଇଛି। ସଂଘ ସମ୍ପାଦକ ଅଭିରାମ ମହାନ୍ତି, ଅଜିତ ଦାସ, ଅମରେନ୍ଦ୍ର ମହାନ୍ତି, ବିଷ୍ଣୁ ମୋହନ ପତି, ଆଶିଷ ନନ୍ଦ ପ୍ରମୁଖ ଶୋକବ୍ୟକ୍ତ କରିଥିଲେ ।

### ଆକର୍ଷଣ ସାଜିଲା ରଙ୍ଗୋଲି, କୁଇଜ

ଭଣ୍ଡାରିପୋଖରୀ, ୨୦।୧୧(ଡି.ଏନ.ଏ.): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରିରୋଡ ସ୍ଥିତ ଶ୍ରୀ ସତ୍ୟସାଇ ମନ୍ଦିର ପରିସରରେ ସୋମବାର ମହିଳା ଦିବସ ପାଳିତ ହୋଇଥିଲା। ସତ୍ୟସାଇ ଭଜନ ମଣ୍ଡଳୀ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାତଃ ସମୟରେ ଓଁକାରଂ, ସୁପ୍ରଭାତମ୍, ନଗରଭ୍ରମଣ, ଷୋଡଶ ଉପଚାର ପୂଜା, ଭଜନ, ବେଦପାଠ, ବ୍ରହ୍ମଗାୟତ୍ରୀ ମନ୍ତ୍ର, ମହାମୃତ୍ୟୁଞ୍ଜୟ ମନ୍ତ୍ର ପାଠ କରାଯାଇଥିଲା। ଏହି ଅବସରରେ ରଙ୍ଗୋଲି ପ୍ରତିଯୋଗିତା ସାଙ୍ଗକୁ ଆଧାତ୍ମିକ କୁଇଜ କାର୍ଯ୍ୟକ୍ରମ ଆୟୋଜନ ଆକର୍ଷଣ ସୃଷ୍ଟି କରିଥିଲା।

# ୪୦ ସ୍ଥାନରେ ଟ୍ରାଫିକ୍ ବ୍ୟବସ୍ଥା, ସୁରକ୍ଷା କଡ଼ାକଡ଼ି

ଭଦ୍ରକ ଅଫିସ, ୨୦।୧୧

ଭାଇଚାରାର ସହର ଭଦ୍ରକରେ ବୁଧବାର ପ୍ରଫେଟ ମହମ୍ମଦ ଜୟନ୍ତୀ ଲାଗି କାଫ୍‌ଲା ଓ ଜୁଲୁସ ଶୋଭାଯାତ୍ରା ଓ ଘରେ ଘରେ ସ୍ୱତନ୍ତ୍ର ପୂଜା(ଜସନ୍ ଇଦ୍ ମିଲାଦୁନ ନବୀ) ଆୟୋଜନ ଯୋଗୁ ପରିବେଶ ଉତ୍ସବମୁଖର ହୋଇପଡିଛି। ବିଭିନ୍ନ ସ୍ଥାନରେ ତୋରଣ ନିର୍ମାଣ କରାଯାଇ ରଙ୍ଗୀନ ଆଲୋକ ସାଜସଜ୍ଜା କରାଯାଇଛି। ସହରର ମୁଖ୍ୟରାସ୍ତା, ଗଳି, ବସ୍ତି, ବ୍ୟବସାୟିକ ଅନୁଷ୍ଠାନରେ ଶୁଭେଚ୍ଛା ଫ୍ଲେକ୍ସ ଓ ଝାଲେରି ଶୋଭା ପାଉଛି। କେତେକ ସ୍ଥାନରେ ଟେଷ୍ଟ ଓ ମେଢ କାମ ଚାଲିଛି। ମଙ୍ଗଳବାର ରାତିରେ ବିଭିନ୍ନ ସାହିବସ୍ତିରେ କାଫ୍‌ଲା ଓ ଜୁଲୁସ ପ୍ରସ୍ତୁତି କାର୍ଯ୍ୟ ଜାରି ରହିଥିବା ଏବଂ ଉତ୍ସବ ପାଳନ ଲାଗି ବିଭିନ୍ନ ସମ୍ପ୍ରଦାୟ ସହଯୋଗ କରୁଥିବାରୁ ସ୍ୱହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଛି। ଶାନ୍ତିଶୃଙ୍ଖଳାର ସହ ଶୋଭାଯାତ୍ରା ପରିଚାଳନା ସକାଶେ ୪୦ରୁ ଅଧିକ ସ୍ଥାନରେ ଟ୍ରାଫିକ ବ୍ୟବସ୍ଥା ସାଙ୍ଗକୁ ସହରକୁ ୧୫ ଡିଭିଜନରେ ବିଭକ୍ତ କରାଯାଇଛି। ଏସବୁ ଡିଭିଜନରେ ଥିବା ଧର୍ମପୀଠ ଓ ଅନ୍ୟ ସ୍ଥାନରେ ୨୫ ପ୍ଲାଟୁନ ଫୋର୍ସ ମୁତୟନ ବ୍ୟବସ୍ଥା ହୋଇଛି। ଏସ୍‌ପି ରାଜେଶ ପଣ୍ଡିତଙ୍କ ନେତୃତ୍ୱରେ ୨ ଅତିରିକ୍ତ ଏସ୍‌ପି, ୪ ଡିଏସ୍‌ପି, ୨୦ ଇନ୍ସପେକ୍ଟର, ୧୦୦ ପୋଲିସ ଅଫିସର ଏବଂ ୧୦ ମାଜିଷ୍ଟ୍ରେଟ ଦାୟିତ୍ୱରେ ରହିବେ ।

ପ୍ରଶାସନଠାରୁ ମିଳିଥିବା ସୂଚନା ଅନୁଯାୟୀ ବୁଧବାର ପୂର୍ବାହ୍ନ ୧୦ଟାରୁ ଜୁଲସ୍ ଓ କାଫଲା ଶୋଭାଯାତ୍ରା ବାହାରିବ। ପାୟ ୬୦ ଜୁଲସ୍ ଓ କାଫଲା ଏଥିରେ ସାମିଲ ହେବେ । ଅପରାହ୍ନ ୫ଟା ପର୍ଯ୍ୟନ୍ତ ଶୋଭାଯାତ୍ରା ଚାଲିବ । ଶୋଭାଯାତ୍ରା ମଦିନା ମଇଦାନଠାରେ ପହଞ୍ଚିବା ପରେ ସନ୍ଧ୍ୟାରେ ଧର୍ମସଭା ଆୟୋଜିତ ହେବ । ପୂର୍ବରୁ ଆଇନ ଶୃଙ୍ଖଳା ସ୍ଥିତିକୁ ଦେଖି ପ୍ରଶାସନ ପକ୍ଷରୁ ଧାର୍ମିକ ଶୋଭାଯାତ୍ରା ଉପରେ କଟକଣା ଜାରି କରାଯାଇଥିଲା। ପରିସ୍ଥିତିରେ ଉନ୍ନତି ଆସିଥିବାରୁ ଚଳିତବର୍ଷ କଟକଣା କୋହଳ କରାଯାଇ ରାତି ପରିବର୍ତ୍ତେ ଦିନରେ କାଫ୍‌ଲା ଶୋଭାଯାତ୍ରା ସକାଶେ ଅନୁମତି ଦିଆଯାଇଛି। ଏହାକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି।

ଏଥର ବଭିନ୍ନ ସାହିବସ୍ତିରୁ ବାହାରୁଥିବା ଶୋଭାଯାତ୍ରା ଚଉଖଣ୍ଡିରୁ ବାଙ୍କାଛକ, ପୁରୁଣାବଜାର, ଲାହାପଟି ଛକ, ପାନଅତର ଛକ- ସଛିଆ ପୋଲ, କଚେରି ଛକ, ଗୋଶଳା ଛକ, କୁଆଁସ, କଣ୍ଟାବଣିଆ, କଦମବେଡା, ମୁଲାହାସାହି, ଚନ୍ଦନବଜାର-ଶଙ୍କରପୁର ରାସ୍ତା ଦେଇ ମଦିନା ମଇଦାନରେ ପହଞ୍ଚିବେ ବୋଲି ଜଣାପଡିଛି। ଶୋଭାଯାତ୍ରା ସମୟରେ ମହମ୍ମଦଙ୍କ ଜୀବନୀ ସମ୍ପର୍କିତ ସଙ୍ଗୀତ ଗାନ କରାଯିବ। ସନ୍ଧ୍ୟା ୭ରୁ ରାତି ୧୦ ଟା ମଧ୍ୟରେ ମଦିନା ମଇଦାନ ପରିସରରେ ଧର୍ମସଭା ହେବ। ଚଉଦମହଲା ମୁସଲିମ ସମାଜ ସଭାପତି ହାଜି ମହମ୍ମଦ ଅବଦୁଲ ବାରି କହିଛନ୍ତି, ଭଦ୍ରକ ସହରରେ ସଦ୍‌ଭାବନା ଓ ଭାଇଚାରା ଅତୁଟ ରହିଛି। ଏଠି ମୁସଲିମ ମାନଙ୍କ ପର୍ବପର୍ବାଣିରେ ହିନ୍ଦୁମାନେ ସହଯୋଗ କରିଥାନ୍ତି। ତେଣୁ ଉକ୍ତ ପର୍ବ ଏଠାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି।



ସୁସଜ୍ଜିତ କାଫ୍‌ଲା।

**ଆଜି ମହମ୍ମଦ ଜୟନ୍ତୀ**

- ସବୁଠି ଉତ୍ସବମୁଖର ପରିବେଶ
- ପୂର୍ବାହ୍ନ ୧୦ରୁ ବାହାରିବ କାଫ୍‌ଲା ଓ ଜୁଲୁସ ଶୋଭାଯାତ୍ରା
- ମୁତୟନ ରହିବେ ୨୫ ପ୍ଲାଟୁନ ଫୋର୍ସ, ଅଧିକାରୀ ଓ ମାଜିଷ୍ଟ୍ରେଟ

**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ଣ୍ଣରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଲବରେ ସାମିଲ ହୁଅନ୍ତୁ।



**ସେଲ୍‌ଫି କର୍ଣ୍ଣର**



@ ଶୁଭମ୍



@ ରାକେଶ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | Balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

■ ଭଦ୍ରକ ପ୍ରିମିୟର ଲିଗ୍ ଚତୁର୍ଥ ସଂସ୍କରଣ

# ନିଲାମରେ ୮୦ ଖେଳାଳି ଚୟନ

ଭଦ୍ରକ ଅଫିସ,୨୦।୧୧

ପୂର୍ବତଟ ରେଳବାଇ କ୍ରୀଡ଼ାସଂସଦ ଆନୁକୂଲ୍ୟରେ ଭଦ୍ରକ ପ୍ରିମିୟର ଟି-୨୦ ଲିଗ୍ ୪ର୍ଥ ସଂସ୍କରଣ ଆସନ୍ତା ଜାନୁୟାରୀ ୩ତାରିଖ ରେଳବାଇ ପ୍ରାଙ୍ଗଣରେ ଅନୁଷ୍ଠିତ ହେବ। ଏହା ୧୩ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ଖେଳାଳି ଚୟନ ପ୍ରକ୍ରିୟାର ନିଲାମ ରେଳବାଇ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ୬ଗୋଟି ଦଳର ଫ୍ରାଞ୍ଚାଇଜରମାନେ ଉପସ୍ଥିତ ରହି ପାଖାପାଖି ୧୫୦ ବଛା ବଛା ଖେଳାଳି ମଧ୍ୟରୁ ୮୦ଜଣଙ୍କୁ ନିଜ ନିଜ ଟିମ ପାଇଁ ଚୟନ କରିଥଲେ। ଫ୍ରାଞ୍ଚାଇଜ ଦଳଗୁଡ଼ିକ ହେଲେ ଭଦ୍ରକ ନାଇଟ ହାଞ୍ଚର୍ସ, ସନରାଇଜ ସୁପରଜାଏ, ମହାବୀର ୱାରିୟର୍ସ, ଚରମ୍ପା ବ୍ଲାଷ୍ଟର୍ସ, ଭଦ୍ରକ ବୁଲସ, ୟୁନିକ୍ ଫାଇଟର୍ସ ୦୦୦୭। ଏହି ନିଲାମୀ ଉତ୍ସବରେ ଅନ୍ୟତମ ଅତିଥି ଭାବେ ବାଦଲ ସାହୁ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ପରିଚଳନା କରିବାରେ ଚେଆରମେନ ବୁଲୁ ମହାନ୍ତି, ସହ ସମ୍ପାଦକ ଶ୍ରୀଧର ମିଶ୍ର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସଭାପତି ରଞ୍ଜନ ଦାସ, ଉପସଭାପତି ସଞ୍ଜୟ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶୁଭେନ୍ଦୁ ବେହେରା, ଦିଲ୍ଲିପ ଦାସ ମଞ୍ଚ ପରିଚାଳନା କରିଥିଲେ।





ଭଦ୍ରକ ପ୍ରିମିୟର ଲିଗ୍ ନିଲାମ ମହୋତ୍ସରେ ଅତିଥି।

## ହେଲ୍‌ଥ କ୍ୟାମ୍ପ ଲାଗି ସ୍ଥିତି ନିରୀକ୍ଷଣ

ଆରଡି, ୨୦।୧୧, (ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ମଠଡିହ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଆସନ୍ତା ୨୭ ତାରିଖରେ ଜିଲା ରେଡକ୍ରସ ଆନୁକୂଲ୍ୟରେ ତଥା ଭଦ୍ରକ ଜିଲାପାଳଙ୍କ ତତ୍ତ୍ୱାବଧାନରେ ଏକ ହେଲ୍‌ଥ କ୍ୟାମ୍ପ ଅନୁଷ୍ଠିତ ହେବ। ଜିଲା ରେଡକ୍ରସ ଯୁଗ୍ମ ସମ୍ପାଦିକା ବିଶ୍ୱଜିତା ବିଶ୍ୱାଳ, ଜିଲା ଜନ ଔଷଧି ଷ୍ଟୋର ଫାର୍ମାସିଷ୍ଟ ଭଗବାନ ପଣ୍ଡା, ଜିଲା ରେଡକ୍ରସ ଏକ୍‌ଜିକ୍ୟୁଟିଭ ମେମ୍ବର ଏମ.ଏ. ଦୟାନ ମଙ୍ଗଳବାର ଅପରାହ୍ନରେ ଉକ୍ତ ବିଦ୍ୟାଳୟରେ ପହଞ୍ଚି ଆନୁଷଙ୍ଗିକ ବ୍ୟବସ୍ଥା ପରଖିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବନିତା ପୃଷ୍ଟି, ସ୍ଥାନୀୟ ଅଞ୍ଚଳର ଜଣାଶୁଣା ସ୍ୱେଚ୍ଛାସେବୀ ସଙ୍ଗଠନ ଏମ. କେ. ଯୁବପରିଷଦ ସଭ୍ୟ ନିରାକାର ନାୟକ, ବିଭୁତି ଭୂଷଣ ବିଶ୍ୱାଳ, ବରିଷ୍ଠ ଶିକ୍ଷୟିତ୍ରୀ ସୁରମା ସୁନ୍ଦରୀ ସାହୁଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ହେଲ୍‌ଥ କ୍ୟାମ୍ପରେ ରକ୍ତଦାନ ଶିବିର ସହ ଅଭିଜ୍ଞ ଡାକ୍ତର ମାନଙ୍କ ଦ୍ୱାରା ବିଭିନ୍ନ ରୋଗର ଆଶୁ ଚିକିତ୍ସା ଯୋଗାଇ ଦିଆଯିବ ।

■ ଗୋଚର ଜମିରେ ନିର୍ମାଣକୁ ବିରୋଧ

# ତହସିଲଦାରଙ୍କୁ ଭେଟିଲେ ଗ୍ରାମବାସୀ

ତିହିଡ଼ି, ୨୦।୧୧(ଡି.ଏନ୍.ଏ.)

ଭଦ୍ରକ ଜିଲା ତିହିଡ଼ି ତହସିଲ ଫତେପୁର ପଞ୍ଚାୟତ ଅଧୀନ ଗୋଲାପୋଖରୀ ମୌଜାରେ ଥିବା ଗୋଚର ଜମିରେ ପକ୍କାଘର ନିର୍ମାଣ କାର୍ଯ୍ୟକୁ ଗ୍ରାମବାସୀଙ୍କ ପକ୍ଷରୁ ବିରୋଧ କରାଯାଇଛି । ଏ ସମ୍ପର୍କରେ ଗ୍ରାମବାସୀ ମଙ୍ଗଳବାର ତହସିଲଦାରଙ୍କୁ ଭେଟି ଅଭିଯୋଗ କରିଛନ୍ତି । ଗୋ ସମ୍ପଦର ସୁରକ୍ଷା ପାଇଁ ଗୋଚର ଜମି ଆବଶ୍ୟକ ଥିବାରୁ ସେଠାରେ ଆରମ୍ଭ ହୋଇଥିବା ପକ୍କାଘର ନିର୍ମାଣ କାର୍ଯ୍ୟକୁ ତୁରନ୍ତ ବନ୍ଦ କରାଯିବା ଦିଗରେ ପଦକ୍ଷେପ ନେବାକୁ ସେମାନେ ଦାବି ଜଣାଇଛନ୍ତି । ନିର୍ମାଣ ବନ୍ଦ ନ ହେଲେ ସେମାନେ ଆନ୍ଦୋଳନାତ୍ମକ ପଦକ୍ଷେପ ନେବେ ବୋଲି ଚେତାବନୀ ଦେଇଛନ୍ତି । ଗୋଲାପୋଖରୀ ମୌଜାର ଥିବା ଗୋଚର ଓ ଅନାବାଦି ଜମିରେ ଲୋକମାନେ ଚଳପ୍ରଚଳ କରିବା ସହିତ ଗୋରୁଗାଈ ଚରିଥାନ୍ତି । ଗୋଚର ଜମି ଖାତା ନଂ ୪୨୦, ପ୍ଲଟ ନଂ ୩୦୬ ଉପରେ ପକ୍କାଘର ନିର୍ମାଣ କରାଯାଉଛି। ଗୋଚର ଜମିରେ କୌଣସି ନିର୍ମାଣକାର୍ଯ୍ୟ ହୋଇ ପାରିବ ନାହିଁ ବୋଲି ଥିବା ସରକାରୀ ଆଦେଶକୁ ଉଲ୍ଲଂଘନ କରାଯାଇଥିବା ଅଭିଯୋଗରେ ଦର୍ଶାଯାଇଛି । ପଞ୍ଚାୟତର ନାଏବ ସରପଞ୍ଚ ପ୍ରଫୁଲ୍ଲ ମହାପାତ୍ର, ଗ୍ରାମବାସୀ ଗଜେନ୍ଦ୍ର ପରିଡ଼ା, ଅଜୟ ମହାପାତ୍ର, ୱାର୍ଡ ସଦସ୍ୟ ମାନସ କୁମାର ନାୟକ ପ୍ରମୁଖ ତହସିଲଦାରଙ୍କୁ ଭେଟିଥିଲେ ।

# 'ଭବିଷ୍ୟତ ଗଠନରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

ବାସୁଦେବପୁର, ୨୦।୧୧(ଡି.ଏନ.ଏ.)

ଦେଶର ଭବିଷ୍ୟତ ଗଠନରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ସେମାନେ ଆଦର୍ଶବାଦୀ ଆଭିମୁଖ୍ୟ ନେଇ ଶିକ୍ଷା ପ୍ରଦାନ କଲେ ଉତ୍ତମ ଛାତ୍ରୀଛାତ୍ର ଗଠନ ସମ୍ଭବ ହେବ ବୋଲି ଭଦ୍ରକ ଜିଲା ବାସୁଦେବପୁରର ନରସିଂହପୁର ଉଚ୍ଚବିଦ୍ୟାଳୟ ପରିସରରେ ମଙ୍ଗଳବାର ଆୟୋଜିତ ଏକ ସଭାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିବାକର ନାୟକ, ସହକାରୀ ଶିକ୍ଷକ ସଦାନନ୍ଦ ଦାଶଙ୍କୁ ଏହି ଅବସରରେ ମାନପତ୍ର ପ୍ରଦାନ କରାଯାଇ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅତିରିକ୍ତ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି, ବ୍ଲକ ଶିକ୍ଷାଧିକାରୀ ରବି ନାରାୟଣ ମଳିକ, ଜିଲା ସ୍କୁଲ ଭଦ୍ରକର ପ୍ରଧାନଶିକ୍ଷକ ଜଗବନ୍ଧୁ ସାହୁ, ଓଷ୍ଟାର ଜିଲା ସମ୍ପାଦକ ପ୍ରଦୀପ୍ତ କୁମାର ଦାସ, ବ୍ଲକ ସମ୍ପାଦକ କମଳାକାନ୍ତ ନାୟକ, ସରପଞ୍ଚ ଅଞ୍ଜଳି ବିଶ୍ୱାଳ, ସମିତିସଭ୍ୟା ଆରତୀ ଜେନା ପ୍ରମୁଖ ଅନ୍ୟତମ ଅତିଥି ଯୋଗ ଦେଇଥିଲେ। ଓଷ୍ଟାର ଜିଲା ସଭାପତି ଉପେନ୍ଦ୍ର ପ୍ରସାଦ ପାଢୀ ସଭାପତିତ୍ୱ କରିଥିଲେ। ସଭା ପ୍ରାରମ୍ଭରେ ଶିକ୍ଷକ ରବୀନ୍ଦ୍ରନାଥ ସେନାପତି ସ୍ୱାଗତ ଭାଷଣ ଦେଇଥିଲେ।

# ବୋଇତ ତିଆରି କଲେ ଛାତ୍ରୀଛାତ୍ର

ବନ୍ତ,୨୦।୧୧(ସ୍ୱ.ପ୍ର.)

ବନ୍ତ ବ୍ଲକ ଆଗରପଡା ଶିକ୍ଷା ସର୍କଲ ଅଧୀନ ପୁରୁଷଣ୍ଡ ନୋଡାଲ ଉପ୍ରା ବିଦ୍ୟାଳୟରେ ସୋମବାର ଛାତ୍ରୀଛାତ୍ରଙ୍କ ଦ୍ୱାରା ବୋଇତ ତିଆରି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର କଳା ଶିକ୍ଷକ ପଦ୍ମନାଭ ସେଠୀଙ୍କ ତତ୍ତ୍ୱାବଧାନରେ ୩୫ ଛାତ୍ରୀଛାତ୍ର ବୋଇତ ତିଆରି କରିଥିଲେ। ବନ୍ତ ବ୍ଲକ ଶିକ୍ଷାଧିକାରୀ ବାସନ୍ତୀ କୁମାରୀ ମିଶ୍ର, ଅତିରିକ୍ତ ଶିକ୍ଷାଧିକାରୀ ସୁରଥ କୁମାର ସାହୁ, ସିଆରସିସି ପ୍ରଫୁଲ୍ଲ କୁମାର ଜେନା, ପ୍ରଧାନ ଶିକ୍ଷକ ମନୋରଥ ଦାସ ପିଲା ମାନଙ୍କ ଦ୍ୱାରା ନିର୍ମିତ ବୋଇତ ଦେଖିବା ସହିତ ହସ୍ତକଳାକୁ ପ୍ରଶଂସା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅନିରୁଦ୍ଧ ମହାକୁଡ, ଉପସଭାନେତ୍ରୀ ଗାୟତ୍ରୀ ବଳଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ କର୍ମଶାଳା ପରିଚାଳନାରେ ସହଯୋଗ କରିଥିଲେ ।

## ପିକ୍‌ଅପ ଭ୍ୟାନ୍ ଧକ୍କାରେ ଭାଙ୍ଗିଲା ବିଦ୍ୟୁତ୍ ଟ୍ରାନ୍ସଫର୍ମର

ବାସୁଦେବପୁର, ୨୦।୧୧(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ମୁଖ୍ୟସହର କବି ବାଞ୍ଛାନିଧି ମହାନ୍ତିଙ୍କ ପ୍ରତିମୂର୍ତ୍ତି ନିକଟରେ ଥିବା ଏକ ମୁଖ୍ୟ ବିଦ୍ୟୁତ ବିଭାଗର ଟ୍ରାନ୍ସଫର୍ମରକୁ ଚିଙ୍ଗୁଡି ବୋଝେଇ ପିକ୍‌ଅପ ଭ୍ୟାନ ଧକ୍କା ଦେବା ଫଳରେ ବିଦ୍ୟୁତଖୁଣ୍ଟି ସହିତ ଟ୍ରାନ୍ସଫର୍ମରଟି ଭାଙ୍ଗିଯାଇଛି। ସୋମବାର ମଧ୍ୟରାତ୍ରିରେ ଏହି ଘଟଣା ଘଟିଛି। ବାଳିକା ହାଇସ୍କୁଲ ରୋଡରୁ ଦ୍ରୁତଗତିରେ ବାସୁଦେବପୁର ସହରକୁ ପ୍ରବେଶ କରୁଥିବା ଏହି ପିକ୍‌ଅପଟି ଭାରସାମ୍ୟ ହରାଇ ଧକ୍କା ଦେଇଥିଲା। ଫଳରେ ବିଦ୍ୟୁତ ଖୁଣ୍ଟି ଭାଙ୍ଗି ଯିବା ସହିତ ଟ୍ରାନ୍ସଫର୍ମର ମଧ୍ୟ ଫାଟି ସେଥିରୁ ତେଲ ବାହାରିଥିଲା। ଟ୍ରକଟି ଟ୍ରାନ୍ସଫର୍ମର ତଳେ ଚାପି ହୋଇଯାଇଛି। ଡ୍ରାଇଭର ଓ ହେଲପର୍ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବିଦ୍ୟୁତ ଟ୍ରାନ୍ସଫର୍ମର ଫାଟିବା ଫଳରେ ସୋମବାର ରାତି ଠାରୁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ବାସୁଦେବପୁର ମୁଖ୍ୟସହରରେ ବିଦ୍ୟୁତସେବା ବାଧା ପ୍ରାପ୍ତ ହୋଇଛି। ବିଦ୍ୟୁତ ସଜାଡିବା କାମରେ ବିଦ୍ୟୁତ ବିଭାଗ କର୍ମଚାରୀ ଲାଗିଥିଲେ ମଧ୍ୟ ବିଦ୍ୟୁତ ସେବାକୁ ସ୍ୱାଭାବିକ କରିପାରିନାହାନ୍ତି।



ଦୁର୍ଘଟଣା ଘଟାଇଥିବା ଗାଡି ।

## ବିସ୍ଥାପିତଙ୍କ ପାଇଁ ଦାବି ଉଠାଇଲା କୃଷକ ମଞ୍ଚ

ଭଦ୍ରକ ଅଫିସ,୨୦।୧୧

ଭଦ୍ରକ ଠାରୁ ଧାମରା ପର୍ଯ୍ୟନ୍ତ ଯାଇଥିବା ରେଳପଥରେ ଜମିହରା ବିସ୍ଥାପିତ ପ୍ରଜାମାନଙ୍କ ପାଇଁ ଏଣିକି ଭଦ୍ରକ- ଧାମରା କୃଷକ ମଞ୍ଚ କାମ କରିବ। ଏହି ମଞ୍ଚ ସବୁବେଳେ ଜମିହରା ବିସ୍ଥାପିତ ଓ ଚାଷୀଙ୍କ ପାଇଁ ଲଢେଇ କରିଛି ଓ କରିଆସିବ ବୋଲି କୁହାଯାଇଛି। ବିସ୍ଥାପିତଙ୍କ ୧୮ ଦଫା ଦାବିକୁ ଆରଡିସି, ଜିଲାପାଳ, ଭଦ୍ରକ ଏବଂ ଧାମରା ପୋର୍ଟ କମ୍ପାନୀ ନିକଟରେ ଉପସ୍ଥାପନ କରିଛି। ମଞ୍ଚର ସ୍ଥାୟୀ ସଭାପତି କାହ୍ନୁଚରଣ ପଲେଇ, ମୁଖ୍ୟ ସଂଯୋଜକ ବିଶ୍ୱକେଶରୀ ମହାନ୍ତି, ସାଧାରଣ ସମ୍ପାଦକ ପ୍ରକାଶ ଜେନା, କୋଷାଧ୍ୟକ୍ଷ ନିଳାମ୍ବର ଲେଙ୍କା, ଚିଫ୍ ଆଡ୍‌ଭାଇଜର ତଥା ଲିଗାଲ ଆଡ୍‌ଭୋକେଟ କନିଷ୍କ ନାୟକ, କେତେକ କାର୍ଯ୍ୟକାରୀ ସଦସ୍ୟଙ୍କୁ ନିର୍ବାଚିତ କରାଯାଇଥିବା ପ୍ରେସ ବିବୃତିରେ କୁହାଯାଇଛି। ଆସନ୍ତା ଡିସେମ୍ବର ମାସରେ ଭଦ୍ରକ ତିଶଳପୁର(ରାହାଞ୍ଜ), ତିହିଡି ବ୍ଲକ ଏବଂ ଧାମରା ଦୋସିଙ୍ଗାରେ ଏହାର କାର୍ଯ୍ୟକାରିଣୀ ବୈଠକ ହୋଇ ଜମିହରା ବିସ୍ଥାପିତଙ୍କ ପାଇଁ ପୂର୍ଣ୍ଣ ଖସଡା ପ୍ରସ୍ତୁତି କରାଯିବ ବୋଲି ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

# ଡକାୟତଦଳ ମୁଖ୍ୟଙ୍କୁ ଖୋଜୁଛି ପୋଲିସ

ବାସୁଦେବପୁର, ୨୦।୧୧(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ଥାନା ଅଧୀନ ଆର୍ଡୁଁ ଗ୍ରାମରେ ଘର ଭଡା ନେଇ ଆଡ୍ଡା ଜମାଇଥିବା ଏକ ଆନ୍ତଃ ରାଜ୍ୟ ସଶସ୍ତ୍ର ଡକାୟତି ଗ୍ୟାଙ୍ଗର ୩ ସଦସ୍ୟଙ୍କୁ ପୋଲିସ ଧରି ମଙ୍ଗଳବାର ସ୍ଥାନୀୟ କୋର୍ଟକୁ ଚାଲାଣ କରିଛି। ଡକାୟତ ଦଳର ମୁଖ୍ୟ ସମେତ ୩ଜଣ ପୋଲିସ ଉପରକୁ ଗୁଳି ଚଳାଇ ଖସି ଯାଇଥିବାରୁ ସେମାନଙ୍କୁ ଧରିବା ଲାଗି ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଛି। ପୋଲିସ ଗତ ୧୩ ତାରିଖ ରାତିରେ ସମ୍ପୃକ୍ତ ଭଡା ଘର ଉପରେ ଚଢାଉ କରିବା ବେଳେ ଢେଙ୍କାନାଳ ଜିଲା ପର୍ଜଙ୍ଗ ଗ୍ରାମର ପ୍ରମୋଦ ଓରଫ ଡାକ୍ତର ବେହେରା(୩୫) ନାମକ ଜଣେ ଡକାୟତ ଧରାପଡିଥିଲେ। ପୋଲିସ ସେଠାରୁ ୩ ମାଉଜର, ୨ ଅଫୁଟା ଗୁଳି, ଗୋଟିଏ ଭୁଜାଲି, ରଡ, ରେଞ୍ଚି, ୨ ସିମକାର୍ଡ ଓ ଏକ ବାଇକ ଜବତ କରିଥିଲା। ଗିରଫ ଡକାୟତ ଡାକ୍ତର ବେହେରାଙ୍କୁ ପଚରାଉଚୁରା କରିବା ପରେ ସେମାନଙ୍କୁ ସହଯୋଗ କରିଥିବା ଭଦ୍ରକ ଜିଲା ଇଚ୍ଛାପୁର ଗ୍ରାମର କାହ୍ନୁ ଓରଫ ଅର୍ଜୁନ ବାରିକ(୩୦) ଏବଂ ଆର୍ଡୁଁ ଗ୍ରାମର ମନୋଜ କୁମାର ବେହେରା(୨୮)ଙ୍କୁ ଗିରଫ କରାଯାଇଥିବା ଥାନାଧିକାରୀ ଉମାଶଙ୍କର ନାୟକ ସୂଚନା ଦେଇଛନ୍ତି। ଉକ୍ତ ଡକାୟତ ଦଳ ସୋର, ବାଲେଶ୍ୱର, ଅନୁଗୁଳ, ନାଲକୋ, ତାଳଚେର, ନୀଳଗିରି ଅଞ୍ଚଳରେ ବିଭିନ୍ନ ଡକାୟତି ଘଟଣାରେ ସମ୍ପୃକ୍ତ ଥିବା ପୋଲିସ ସୂଚନା ଦେଇଛି।



ମାରଣାସ୍ତ୍ର ସହିତ ଗିରଫ ଡକାୟତ।

- ଜଣେ ଡକାୟତ ଓ ୨ ସହଯୋଗୀଙ୍କୁ କୋର୍ଟ ଚାଲାଣ
- ବହୁ ଆନ୍ତଃ ରାଜ୍ୟ ଡକାୟତି ଘଟଣାରେ ଜଡିତ

## ସଂକ୍ଷେପରେ

### କୋଷ୍ଠା ଗ୍ରାମସଭାରେ ଉଦ୍‌ବେଗ

**କୋଷ୍ଠା,୨୦।୧୧(ଡି.ଏନ.ଏ.):** କୋଷ୍ଠା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ଚନ୍ଦ୍ରମୋହନ ନାଏକଙ୍କ ଅଧକ୍ଷତାରେ ଏକ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି । ସମିତି ସଭ୍ୟଙ୍କ ପ୍ରସ୍ତାବ କ୍ରମେ ଗ୍ରାମପଞ୍ଚାୟତର ସମସ୍ତ ସରକାରୀ ପୋଖରୀକୁ ଆଦର୍ଶ ପୁଷ୍କରଣୀ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ସେହିପରି ବ୍ୟକ୍ତିଗତ ଯୋଜନାରେ ଛେଳି , ଗାଈ , କୁକୁଡା ଗୁହାଳ, ବୃକ୍ଷରୋପଣ, ସେଚ କୂପ ଓ ପୋଖରୀ ଖନନ ଆଦି କାମ ପାଇଁ ହିତାଧିକାରୀଙ୍କ ନାମ ତାଲିକା ଚୂଡାନ୍ତ ହୋଇଛି। ଶୌଚାଳୟ ନିର୍ମାଣ ନିମନ୍ତେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଉଛି। ହେଲେ ଶୌଚାଳୟ କରି ମଧ ବହୁ ହିତାଧିକାରୀଙ୍କୁ ଅନୁଦାନ ମିଳି ନ ଥିବା ଅଭିଯୋଗ ହେବାରୁ ବୈଠକରେ ଅସନ୍ତୋଷ ଦେଖାଦେଇଥିଲା। ମାସେ ପୂର୍ବରୁ ମହୁଲି ଗ୍ରାମ ରାସ୍ତା ପାର୍ଶ୍ୱରେ ଲାଗିଥିବା ସୌର ଆଲୋକରୁ ଅଧିକାଂଶ ଅଚଳ ହୋଇ ପଡିଥିବା ଅଭିଯୋଗ ହୋଇଥିଲା।

### ଅବକାରୀ ଚଢାଉ: ୫ ଗିରଫ

**ବେତନଟୀ୨୦।୧୧.(ଡି.ଏନ.ଏ.):** କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ବୈଶିଙ୍ଗା ଓ ବେତନଟୀ ଥାନା ଅଞ୍ଚଳରେ ମଙ୍ଗଳବାର ଚଢାଉ କରାଯାଇଛି। ଏହି ଚଢାଉ ସମୟରେ ପ୍ରାୟ ଚାରି ଶହ ଲିଟର ଚୋରା ହାତ ରନ୍ଧା ମଦ ଓ ଦଶ ଲିଟର ଠିପି ବନ୍ଦ ବିଦେଶୀ ମଦ ଜବତ ହୋଇଛି। ଏହି ଅଭିଯୋଗରେ ବୈଶିଙ୍ଗା ଥାନା ଅଧୀନ କଳମାର ଶରତ ଚନ୍ଦ୍ର ମହାପାତ୍ର, ଗଡଦେଉଳିଆର ସନ୍ତୋଷ ଭୂୟାଁ, ବେତନଟୀର ରଘୁନାଥ ପାତ୍ର, ଆମ୍ଭଜୋଡାର ନିର୍ମଳ ବେହେରା, ଦାନ୍ତିଆମୁହାଁର ଅରୋବିନ୍ଦ ମହାନ୍ତଙ୍କୁ ଗିରଫ କରାଯାଇଛି। ଅବକାରୀ କମିଶନର ଦେବେନ୍ଦ୍ର ମହାପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ହୋଇଥିବା ଏହି ଚଢାଉରେ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗର ନିରୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲ, ଉପ ନିରୀକ୍ଷକ ଗାଲୁରାମ ସୋରେନ ପ୍ରମୁଖ କର୍ମଚାରୀ ସାମିଲ ଥିବା ଜଣାପଡିଛି ।

### ୨୧୫ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ଉଦଳା, ୨୦।୧୧ (ଡି.ଏନ.ଏ.):** ଉଦଳା ମହାବିଦ୍ୟାଳୟ ପକ୍ଷରୁ ଦୁଇ ଦିବସୀୟ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ଏହି ଶିବିରରେ ମହାବିଦ୍ୟାଳୟର ୨୧୫ ଜଣ ଛାତ୍ରୀଛାତ୍ର ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ଯୁବ ରେଡକ୍ରସର କାଉନସେଲର ଡ. ଯତିନ କୁମାର ମହାକୁଡ ସୂଚନା ଦେଇଛନ୍ତି। ଦିଲ୍ଲୀର ଆରବିଏସ୍‌କେ ତରଫରୁ ଦୁଇ ଦିନିଆ ଶିବିରକୁ ଶ୍ରୀଦାମଚନ୍ଦ୍ରପୁର ଚିକିତ୍ସାଳୟର ଆୟୁଷ ଡାକ୍ତର ଚନ୍ଦନ କୁମାର ପଣ୍ଡା ଏବଂ ଡ. ଅଲେଖ କୁମାର ସିଂହ ସହଯୋଗ କରିଥିଲେ। ଏଥିରେ ମହାବିଦ୍ୟାଳୟର ରେଡକ୍ରସ୍ ବିଭାଗ ସାମିଲ ହୋଇଥିଲା । ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ଜ୍ୟୋତିରଞ୍ଜନ ଦାସ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ । ଉଦଳା ଏବଂ ଶ୍ରୀଦାମଚନ୍ଦ୍ରପୁର ଚିକିତ୍ସାଳୟର ପାରାମେଡିକାଲ ଷ୍ଟାଫ୍ ଏହି ଶିବିରରେ ଛାତ୍ରୀଛାତ୍ରମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷାରେ ସହଯୋଗ କରିଥିଲେ ।

### ଓଲଟିଲା ପିଆଜ ଟ୍ରକ

**ବିଶୋଇ,୨୦।୧୧ :** ବିଶୋଇ ଥାନା ଅନ୍ତର୍ଗତ ଦେଓପଟା ଛକ ନିକଟରେ ଭାରସାମ୍ୟ ହରାଇ ମଙ୍ଗଳବାର ଏକ ପିଆଜ ବୋଝେଇ ଟ୍ରକ ଓଲଟି ପଡିଛି। ଏହି ଦୁର୍ଘଟଣାରେ କେହି ମୃତାହତ ହୋଇନାହାନ୍ତି। ଏକ ପିଆଜ ବୋଝେଇ ଟ୍ରକ ବିଜାପୁରରୁ କଲିକତା ଅଭିମୁଖେ ଯାଉଥିବା ସମୟରେ ଦେଓପିଟା ଛକ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ବିଶୋଇ ଥାନା ପୋଲିସ ପହଞ୍ଚି ଉଭୟ ଡ୍ରାଇଭର, ହେଲପରଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛି। ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

### ସଚେତନତା ଶୋଭାଯାତ୍ରା

**ବାରିପଦା ଅଫିସ,୨୦।୧୧:** ଚାଇଲ୍ଡ ଲାଇନ ମୟୂରଭଞ୍ଜ ପକ୍ଷରୁ ବାରିପଦା ବ୍ଲକ ରାଧିକାଶୋଳ ପ୍ରାଥମିକ ବିଦ୍ୟାଳୟରେ ଚାଇଲ୍ଡ ଲାଇନ ସେ ଦୋସ୍ତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଗ୍ରାମର ମହିଳାଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ପରେ ଆୟୋଜିତ ବୈଠକରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଲତା ଜେନା ସଭାପତିତ୍ୱ କରିଥିବା ବେଳେ ଆଶାକର୍ମୀ ବାସନ୍ତି ମହାନ୍ତି, ଅଙ୍ଗନୱାଡି କର୍ମୀ ମୀନା ହେମ୍ବ୍ରମ, ୱାର୍ଡ ସଦସ୍ୟା ଲକ୍ଷ୍ମୀ ମାରାଣ୍ଡି, ବିଦ୍ୟାଳୟ ପରିଚାଳନା ସମିତି ସଦସ୍ୟା ଦୁଃଖିନି ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଦିନରେ କାଠ କଟାଳି, ରାତିରେ ଡକାୟତି

**ଠାକୁରମୁଣ୍ଡା,୨୦।୧୧(ଡି.ଏନ.ଏ)**


ଗିରଫ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

- ଚୋରି ମୋବାଇଲ ଟ୍ରାକିଂରୁ ରହସ୍ୟ ଫିଟିଲା
- ୮ ଅଭିଯୁକ୍ତ ଗିରଫ, ୪ ମୋବାଇଲ ଓ ୮ ହଜାର ଟଙ୍କା ଜବତ
- ଝାଡଖଣ୍ଡରୁ ଆସି ଠାକୁରମୁଣ୍ଡାରେ ରହୁଥିଲେ
- ପୋଲିସ ପକ୍ଷରୁ ଅଧିକ ତନାଘନା ଜାରି

ଝାଡଖଣ୍ଡ ରାଜ୍ୟରୁ ମୟୂରଭଞ୍ଜ ଜିଲାକୁ ଆସି ଘରୋଇ କାଠ ମିସ୍ତ୍ରି ଓ କଟାଳି ଭାବେ କାମ କରୁଥିବା ଏକ ଦଳ ରାତି ସମୟରେ ଚୋରି ଭଳି ଅପରାଧ ଘଟାଉଥିବା ନଜରକୁ ଆସିଛି। ଏହି ଜିଲାର ଠାକୁରମୁଣ୍ଡା ବଜାରରେ ଥିବା ଦାସ ମୋବାଇଲ ଦୋକାନରୁ ଗତ ଅକ୍ଟୋବର ୨୯ ତାରିଖ ରାତିରେ ଲକ୍ଷାଧିକ ଟଙ୍କାର ମୋବାଇଲ ସହ ନଗଦ ଟଙ୍କା ଚୋରି ହୋଇଥିଲା। ଠାକୁରମୁଣ୍ଡା ଥାନା ପୋଲିସ ଏହି ଘଟଣାର ତଦନ୍ତ କରୁଥିଲା । ଦୋକାନରୁ ଚୋରି ହୋଇଥିବା ମୋବାଇଲ ଫୋନର ଆଇ.ଏମ.ଇ.ଆଇ. ନମ୍ବରକୁ ସଂଗ୍ରହ କରି ପୋଲିସ ଟ୍ରାକିଂ କରିବାରୁ ଚୋରଙ୍କ ସମ୍ପର୍କରେ ସୁରାକ ପାଇପାରିଥିଲା। ତଦନୁଯାୟୀ, ଗତ ସୋମବାର ପୋଲିସ ସଦଳବଳ ଚଢାଉ କରି ବାଉଁଶଡିହା ଓ ଭଲପଡା ଗାଁରୁ ଝାଡଖଣ୍ଡରୁ ଆସି କାଠ କଟାଳି ଭାବେ କାମ କରୁଥିବା ୮ଜଣଙ୍କୁ ଗିରଫ କରିଛି। ସେମାନଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ଚୋରି ହୋଇଥିବା ମୋବାଇଲ ମଧ୍ୟରୁ ୪ଟି ଦାମୀ ମୋବାଇଲ ଓ ନଗଦ ୮ ହଜାର ଟଙ୍କା ଜବତ ହୋଇଛି । ଗିରଫ ୮ ଅଭିଯୁକ୍ତ ହେଲେ ମଞ୍ଜୁର ଆନସାରୀ,ମହମ୍ମଦ ନଈମ ଆନସାରୀ,ବାରାହୁଦ୍ଦିନ ଆନସାରୀ,ମେହେବୁବ୍‌ଆନସାରୀ,ଯମାଲ ଆନସାରୀ,ଇଶାକ ଆନସାରୀ,ତହରୁଦ୍ଦିନ ମିଆଁନ,ମଜିଦ୍ ଆନସାରୀ। ଏମାନେ ଅନ୍ୟ କୌଣସି ଅପରାଧରେ ଜଡିତ ନୁହନ୍ତି, ସେ ନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ଗିରଫ ଅଭିଯୁକ୍ତଙ୍କୁ ଜେରା କରି ପୋଲିସ କେତେକ ନୂଆ ତଥ୍ୟ ପାଇଥିବା କୁହାଯାଉଛି। ଝାଡଖଣ୍ଡ ରାଜ୍ୟର ଅହଲ୍ୟାପୁର ଓ ନରେନ୍ଦ୍ରପୁର ଥାନା ଅଞ୍ଚଳରୁ କେତେକ ବ୍ୟକ୍ତି ଆସି ଦୀର୍ଘ ଦିନ ଧରି ଠାକୁରମୁଣ୍ଡା ଅଞ୍ଚଳରେ ରହି କରତ କାମ କରୁଥିବା ଜଣାପଡିବା ପରେ ପୋଲିସ ସମସ୍ତଙ୍କ ଗତିବିଧି ଉପରେ ନଜର ରଖିଛି। ଉଲ୍ଲେଖନୀୟ ଯେ, ଠାକୁରମୁଣ୍ଡା ବଜାରର ଦୋକାନ ମାଲିକ ଦେବକାନ୍ତ ଦାଶ ତାଙ୍କ ଦୋକାନରୁ ଚୋରି ହେବା ଘଟଣା ଗତ ମାସ ୩୦ ତାରିଖରେ ଜାଣି ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ଶିଶୁଙ୍କ ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱ

**ଠାକୁରମୁଣ୍ଡା,୨୦।୧୧(ଡି.ଏନ.ଏ)**

ସ୍ୱେଚ୍ଛାସେବୀ ସଂଗଠନ ସିୱାଇଏସଡି-ପ୍ଲାନ ପ୍ରକଳ୍ପ ପକ୍ଷରୁ ସପ୍ତାହ ବ୍ୟାପୀ ଚାଲିଥିବା ଶିଶୁ ଅଧିକାର ସପ୍ତାହର ଉଦଯାପନୀ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଠାକୁରମୁଣ୍ଡା ସିୱାଇଏସଡି କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ସମାରୋହରେ ମୁଖ୍ୟଅତିଥି ଭାବେ ତହସିଲଦାର ପ୍ରଦ୍ୟୁମ୍ନ କୁମାର ନାୟକ ଯୋଗ ଦେଇ ଶିଶୁଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ପରିବାରରୁ ସଚେତନତାର ଆବଶ୍ୟକ ଥିବା କହିଥିଲେ । ଶିଶୁ ଅଧିକାର ସୁରକ୍ଷା କରିପାରିଲେ ଏବଂ ଉପଯୁକ୍ତ ସୁଯୋଗ ସୃଷ୍ଟି କଲେ ସେମାନେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ସୁନାମ ଆଣିପାରିବେ ବୋଲି କହିଥିଲେ । ପ୍ରକଳ୍ପ ସଂଯୋଜକ ମହେଶ୍ୱର ଛାଟୋଇ ଉତ୍ସବରେ ସଭାପତିତ୍ୱ କରିଥିଲେ । ସମ୍ମାନୀତ ଅତିଥି ଭାବେ ଠାକୁରମୁଣ୍ଡା ପ୍ରେସ କ୍ଲବ ସଭାପତି ଶରତ କୁମାର ତ୍ରିପାଠୀ, ସମ୍ପୃକ୍ତ ଶିଶୁ ବିକାଶ ଯୋଜନା ଅଧିକାରିଣୀ ଗୀତାଞ୍ଜଳୀ ମହାପାତ୍ର , ପ୍ରକଳ୍ପ ସହ-ସଂଯୋଜକ ଦୀପ୍ତିରଞ୍ଜନ ମହାନ୍ତ ଉପସ୍ଥିତ ଥିଲେ ।

# ସିପି କଲେଜର ରୌପ୍ୟ ଜୟନ୍ତୀ


ସଭାରେ ଉପସ୍ଥିତ ଲୋକ ପ୍ରତିନିଧି ଓ ଅଧିକାରୀ।

**ଭଞ୍ଜକିଆ,୨୦।୧୧(ଡି.ଏନ.ଏ)**

ରରୁଆଁ ବ୍ଲକ ଭଞ୍ଜକିଆ ଚୈତନ୍ୟ ମହାବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉପ ବାଚସ୍ପତି ସାନନ୍ଦ ମାରାଣ୍ଡି ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରିନ୍ସ ଡ୍ୟାନ୍ସ ଗ୍ରୁପର ନୃତ୍ୟ ପରିବେଷଣ ଦର୍ଶକଙ୍କ ମନ ମୋହିଥିଲା। ଦ୍ୱିତୀୟ ସନ୍ଧ୍ୟାରେ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ଶିକ୍ଷାବିତ ଅଭିମନ୍ୟୁ ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ସୁବୋଧ ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ତୁଳସୀ ମୁଣ୍ଡା ଯୋଗ ଦେଇଥିଲେ। ସମ୍ମାନୀତ ଭାବେ ସରୋଜିନୀ ହେମ୍ବ୍ରମ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଦସ୍ୟ ଗୋଲକ ବିହାରୀ ନାୟକ, ବିଜୁ ଯୁବ ବିଜେଡି ସମ୍ପାଦକ ଚକ୍ରଧର ହେମ୍ବ୍ରମ, ବିଧାୟକ ମଙ୍ଗଳ ସିଂ ମୁଦି, ପୂର୍ବତନ ବିଧାୟକ ଶମ୍ଭୁନାଥ ନାୟକ, ବ୍ଲକ ଅଧକ୍ଷା ପଙ୍କଜିନି ନାୟକ ପ୍ରମୁଖ ସାମିଲ ହୋଇଥିଲେ।

## ବାର୍ଷିକ କ୍ରୀଡା ଅନୁଷ୍ଠିତ

**ବଡସାହି,୨୦।୧୧(ସ୍ୱ.ପ୍ର)**

ଉତମ ଛାତ୍ର ଗଠନ ପାଇଁ ଶିକ୍ଷା ସହିତ କ୍ରୀଡାର ଆବଶ୍ୟକ ରହିଛି ବୋଲି ବେଲପାଳ ସରସ୍ୱତୀ ଶିଶୁ ମନ୍ଦିରର ୧୫ତମ ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ ମତବ୍ଯକ୍ତ କରିଛନ୍ତି। ମୁଖ୍ୟଅତିଥି ଭାବେ ପରିଚାଳନା କମିଟିର ପୂର୍ବତନ ସଭାପତି ପ୍ରବୋଧ କୁମାର ଭୂୟାଁ ପ୍ରଦୀପ ପ୍ରଜ୍ଜଳନ ପୂର୍ବକ କାଯର୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଭାପତି ରବୀନ୍ଦ୍ର କୁମାର ଆଚାଯର୍ୟ, ପ୍ରଧାନଆଚାଯର୍ୟା ଶାଶ୍ୱତୀ ଦାସମହାପାତ୍ର, ସମ୍ପାଦକ ଭବେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି କ୍ରୀଡାରେ ସିନିଅର ଓ ଜୁନିଅର ବିଭାଗରେ ୨୫୦ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବ।

# ଜିଲାସ୍ତରୀୟ ବିଜ୍ଞାନ କୁଇଜ



କୃତୀ ପ୍ରତିଯୋଗୀ ଓ ଅତିଥିବୃନ୍ଦ।

**ବାରିପଦା ଅଫିସ,୨୦।୧୧**

ବାରିପଦା ଭଞ୍ଜପୁରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ସିପ୍ରା ଦାସଙ୍କ ଅଧକ୍ଷତାରେ ଜିଲାସ୍ତରୀୟ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା ଯୋଗଦେଇଥିଲେ। ଏହି ପ୍ରତିଯୋଗିତାରେ ଜିଲାରୁ ସିନିୟର ବିଭାଗରେ ୪୫ ବିଦ୍ୟାଳୟ ଓ ଜୁନିୟର ବିଭାଗରୁ ୩୫ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।



ଅତିଥିଙ୍କ ଗହଣରେ ବିଜୟୀ ଦଳର ଖେଳାଳି।

# ଜୟ ମୟୂରଭଞ୍ଜ ଚାମ୍ପିୟନ

**ଖୁଣ୍ଟା,୨୦।୧୧(ଡି.ଏନ.ଏ.)**

ଖୁଣ୍ଟା ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଗତ ୧୧ ତାରିଖ ରୁ ଅନୁଷ୍ଠିତ ହୋଇ ଆସିଥିବା ଖୁଣ୍ଟା ପ୍ରିମିଆର ଲିଗ୍ କ୍ରିକେଟ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି ।ଏହି ପ୍ରତିଯୋଗିତାରେ ଚାରି ଗୋଟି ଫ୍ରାଞ୍ଚାଇଜ ଦଳ ଅଂଶଗ୍ରହଣ କରିଥିଲେ। ଜୟ ମୟୂରଭଞ୍ଜ ଓ କେ ପି ଚ୍ୟାଲେଞ୍ଜର ଦଳ ଫାଇନାଲରେ ମୁହାଁମୁହିଁ ହୋଇଥିଲେ। ପ୍ରଥମେ ଜୟ ମୟୂରଭଞ୍ଜ ଦଳ ବ୍ୟାଟିଂ କରି ୧୯ . ୨ ଓଭର ରେ ସମସ୍ତ ଉଇକେଟ ବିନିମୟରେ ୧୦୮ ରନ ସଂଗ୍ରହ କରିଥିଲା। ପରେ କେ ପି ଚ୍ୟାଲେଞ୍ଜର ଦଳ ୧୫ ଓଭର ରେ ମାତ୍ର ୭୦ ରନ କରି ସମସ୍ତ ଉଇକେଟ ହରାଇଥିଲା। ଫଳରେ ଜୟ ମୟୂରଭଞ୍ଜ ଟିମ୍ ଚାମ୍ପିୟନ ହୋଇଥିଲା । ଏହି ଅବସରରେ ଖୁଣ୍ଟା ର ପୂର୍ବତନ କ୍ରିକେଟର ପ୍ରଦୋଷ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ପୂର୍ବତନ ବିଧାୟକ ଶ୍ରୀନାଥ ସରେନ, ଗୋପବନ୍ଧୁନଗର ବିଡ଼ିଓ ମନୋଜ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଏହି ପ୍ରତିଯୋଗିତାରେ ସନ୍ଦୀପ କୁମାର ବାରିକ ମ୍ୟାନ ଅଫ୍ ଦି ମ୍ୟାଚ ଓ ଦୀପକ କୁମାର ବାରିକ ମ୍ୟାନ ଅଫ୍ ଦି ଟୁର୍ନାମେଣ୍ଟ ହୋଇଛନ୍ତି । ଶେଷରେ ପ୍ରତିଯୋଗିତାର ସଂଯୋଜକ ନରେନ୍ଦ୍ର ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ୨୩ରେ ରାଜ ଯୋଗ ଶିବିର

**ବେତନଟୀ୨୦।୧୧(ଡି.ଏନ.ଏ)**

ବେତନଟୀ ବ୍ରହ୍ମାକୁମାରୀ ଆଶ୍ରମ ପକ୍ଷରୁ ତିନି ଦିନିଆ ରାଜଯୋଗ ଶିବିର ଆସନ୍ତା ୨୩ତାରିଖରେ ଆରମ୍ଭ ହେବ । ବେତନଟୀ ସ୍ଥିତ ଦମୟନ୍ତୀ ବିବାହ ମଣ୍ଡପ ପରିସରରେ ଅନୁଷ୍ଠିତ ହେବାକୁ ଥିବା ଏହି ଶିବିରରେ ଝାଡଖଣ୍ଡ ରାଜ୍ୟପାଳ ଦ୍ରୌପଦି ମୁର୍ମୁ ଓ ପଦ୍ମଶ୍ରୀ ତୁଳସୀ ମୁଣ୍ଡା ଯୋଗ ଦେବେ ବୋଲି ଆଶ୍ରମର ମୁଖ୍ୟ ସଞ୍ଚାଳିକା ସାବିତ୍ରୀ ଭଉଣି ସୂଚନା ଦେଇଛନ୍ତି । ମନୁଷ୍ୟର ସୁଖ ଶାନ୍ତି ଏବଂ ସୁସ୍ଥ ସମାଜ ଗଠନ ଉଦ୍ଦେଶ୍ୟରେ ଏହି ରାଜ ଯୋଗ ଅଭିଯାନ କରାଯାଉଥିବା କୁହାଯାଇଛି।

# ନବୀନ ନିବାସ ଘେରାଉ ପାଇଁ ପ୍ରସ୍ତୁତି ବୈଠକ

**ବେତନଟୀ,୨୦।୧୧(ଡି.ଏନ.ଏ.)**

କୁଡମୀ ଜାତିକୁ ପୁନଃ ଆଦିବାସୀ ତାଲିକାଭୁକ୍ତ କରିବା ଦାବିରେ ନବୀନ ନିବାସ ଘେରାଉ ପାଇଁ ବେତନଟୀ ଜାତୀୟ ରାଜପଥ ଡାକ ବଙ୍ଗଳାଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କୁଡମୀ ଜାତିକୁ ପ୍ରତାରଣା କରାଯାଉଥିବା ଅଭିଯୋଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହି ବୈଠକରେ ରାଜ୍ୟ ଅଧକ୍ଷ ଜୟମୂନି କୁମାର ମହାନ୍ତ, ମୟୂରଭଞ୍ଜ ଜିଲ୍ଲା ସଭାପତି ଦୁର୍ଗା ଚରଣ ମହାନ୍ତ,କୋଷାଧକ୍ଷ ସୁନ୍ଦର ମହୋନ ମହାନ୍ତ, ହିମାଂଶୁ ମହାନ୍ତ, ଡମ୍ବରୁଧର ମହାନ୍ତ ଓ ସବିତା ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।


ପ୍ରସ୍ତୁତି ବୈଠକରେ ସାମିଲ କୁଡୁମୀ ସମ୍ପ୍ରଦାୟ ଲୋକେ।

# ଲାଗି ହେଉଛି ବେଲପତ୍ର ସହ ତୁଳସୀ

**ବଡ଼ସାହି,୨୦।୧୧(ସ୍ୱ.ପ୍ର)**

**ବଡ଼ସାହି ବ୍ଲକ କଖାରୁଆ ମହାଦେବ**



- ନିଆରା ପରମ୍ପରା: ପୂର୍ଣ୍ଣିମା ପର୍ଯ୍ୟନ୍ତ ସ୍ୱତନ୍ତ୍ର ପୂଜା ନୀତି
- ମାଣିତ୍ରୀରେ ହେଲାଣି ଭକ୍ତଙ୍କ ଭିଡ଼
- ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ଶିବ ଲିଙ୍ଗରେ ବେଲପତ୍ର ଲାଗି ହେବା ବିଧି ବିଧାନ ରହିଛି। କିନ୍ତୁ ମୟୂରଭଞ୍ଜ ଜିଲା ବଡସାହିର ହରିହର ପୀଠ ଭାବେ ପରିଚିତ କଖାରୁଆ ମହାଦେବଙ୍କ ଜ୍ୟୋର୍ତିଲିଙ୍ଗରେ ତୁଳସୀ ପତ୍ର ଲାଗି ହେବା ଭଳି ନିଆରା ପରମ୍ପରା ଦେଖିବାକୁ ମିଳେ। କେବଳ ପଞ୍ଚକ ପର୍ବରେ ଶିବଲିଙ୍ଗରେ ଏହି ତୁଳସୀ ପତ୍ର ଲାଗି ହୋଇଥାଏ। କଖାରୁଆ ମହାଦେବଙ୍କ ଜ୍ୟୋର୍ତିଲିଙ୍ଗରେ କାର୍ତ୍ତିକ ଏକାଦଶୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ସ୍ୱତନ୍ତ୍ର ପୂଜା ହୋଇଥାଏ। ପ୍ରତ୍ୟହ ସାଧାରଣ ପୂଜା ପରେ ମହାଦେବଙ୍କ ଜ୍ୟୋର୍ତିର୍ଲିଙ୍ଗରେ ଶ୍ରୀଜଗନ୍ନାଥଙ୍କର ଅତିପ୍ରିୟ ତୁଳସୀର ମଞ୍ଜରୀ (ଜଟା) ସହିତ ବେଲପତ୍ର ଲାଗି (ଚଢା) ହୋଇଥାଏ । ଏହି ପୀଠ ହରି-ହର ପୀଠ ଭାବେ ଖ୍ୟାତି ଲାଭ କରିଛି। ଶିବ ଲିଙ୍ଗରେ ବେଲପତ୍ର ସହିତ ତୁଳସୀର ଜଟା ଲାଗି ହେବା ସ୍ୱତନ୍ତ୍ର ହୋଇଥିବାରୁ ଏଠାରେ ବହୁ ଭକ୍ତଙ୍କ ଗହଳି ଲାଗିଥାଏ।

କଥିତ ଅଛି ଯେ, ୭ଶହ ବର୍ଷର ଐତିହ୍ୟ ବହନ କରୁଥିବା ବଡ଼ସାହି ବ୍ଲକ ମାଣତ୍ରୀ ଶୈବ ପୀଠ ୭୦୦ ବର୍ଷରୁ ଅଧିକ ପୁରାତନ। ପଞ୍ଚକ ୫ଦିନ ଧରି ସ୍ୱତନ୍ତ୍ର ପୂଜା ସହିତ ରୁଦ୍ରାଭିଷେକ ହୋଇଥାଏ। ବ୍ରତ ପାଳନକାରୀ ମହିଳାପୁରୁଷ ପାହାନ୍ତା ପ୍ରହରରେ ସେମାନଙ୍କ ନିତ୍ୟକର୍ମ ପରିସମାପ୍ତି କରି ମହାଦେବ ଓ ପ୍ରଭୁ ଜଗନ୍ନାଥଙ୍କୁ ସମର୍ପିତ ମଙ୍ଗଳ ଆଳତୀ ଦର୍ଶନ କରନ୍ତି । ପଞ୍ଚକରେ ପ୍ରଭୁଙ୍କୁ ଦର୍ଶନ କରି ଅପାର କୃପା ଲାଭ କରିବା ସହ କୋଟି ଜନ୍ମର ପାପରୁ ମୁକ୍ତି ମିଳିଥାଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି। ସୋମବାରଠାରୁ ସହସ୍ରାଧିକ ଶ୍ରଦ୍ଧାଳୁ ମହାଦେବଙ୍କ ପୂଜାପାଠ, ଦର୍ଶନ କରିବା ସହିତ ବେଢା ପରିକ୍ରମା କରୁଛନ୍ତି । ମହାମୃତ୍ୟୁଞ୍ଜୟ ମନ୍ତ୍ର ଉଚ୍ଚାରଣ ସହିତ ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ଭଜନ ସଂକୀର୍ତ୍ତନରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଛି । ଏଥିଲାଗି ସମଗ୍ର ମାଣତ୍ରୀ ଅଞ୍ଚଳ ଚଳଚଞ୍ଚଳ ହୋଇପଡ଼ିଛି । ସନ୍ଧ୍ୟାରେ ମହାଦେବଙ୍କ ସନ୍ଧ୍ୟା ଆଳତୀ ଦେଖିବା ପାଇଁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି ।

ଐତିହାସିକଙ୍କ ମତରେ ପ୍ରାୟ ୧୫୫୬ ଖ୍ରୀଷ୍ଟାବ୍ଦରେ ମୟୂରଭଞ୍ଜର ତତ୍କାଳୀନ ରାଜା ବୈଦ୍ୟନାଥ ଭଞ୍ଜ ବାରିପଦାରେ ଜଗନ୍ନାଥ ମନ୍ଦିର ନିର୍ମାଣ ସାଙ୍ଗକୁ ମାଣତ୍ରୀ ଶୈବ ପୀଠରେ ଦଧିବାମନ ରୂପୀ ଜଗନ୍ନାଥଙ୍କ ମନ୍ଦିର ପ୍ରତିଷ୍ଠା କରିଥିଲେ। ଏଥିସହିତ ପଞ୍ଚକରେ ଏପରି ସ୍ୱତନ୍ତ୍ର ପୂଜା ବ୍ୟବସ୍ଥା କରାଯାଇଛି ବୋଲି କହନ୍ତି ପରିଛା ପ୍ରଦୀପ କୁମାର ପଣ୍ଡା । ପୁରାଣ ଅନୁଯାୟୀ ପଞ୍ଚକରେ ହରି-ହରଙ୍କ ମିଳନ ହେଉଥିବାରୁ ଏପରି ପୂଜା କରାଯାଇଥାଏ। ବର୍ଷ ବର୍ଷ ଧରି ଭକ୍ତଙ୍କ ଭିଡ଼କୁ ଦେଖି ଉଠା ଦୋକାନୀଙ୍କ ପସରା ଦିନକୁ ଦିନ ବଢିବାରେ ଲାଗିଛି। ଘରକରଣା ଜିନିଷଠାରୁ ଆରମ୍ଭ କରି ବିଭିନ୍ନ ସ୍ୱାଦର ଖାଦ୍ୟ ପରିବେଷଣ କରୁଥିବା ଦୋକାନୀଙ୍କଠାରେ ଦିନତମାମ ଭିଡ଼ ଲାଗିଛି । ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ବୈଶିଙ୍ଗା ପୋଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ବାବା କଖାରୁଆ ବୈଦ୍ୟନାଥ ଯୁବକ ସଂଘ ଆନୁକୂଲ୍ୟରେ ୮ମ ବାର୍ଷିକ ଜିଲାସ୍ତରୀୟ ବୋଇତ ବନ୍ଦାଣ ଉତ୍ସବ ତିନିଦିନ ଧରି ଅନୁଷ୍ଠିତ ହେବାକୁ ଯାଉଛି ବୋଲି ସଂଘ ସଭାପତି ଜ୍ୟୋତିପ୍ରକାଶ ପଣ୍ଡା ପ୍ରକାଶ କରିଛନ୍ତି ।

